**ଲଣ୍ଡନରେ ଫିଟ୍‌ନେସ୍ ପରୀକ୍ଷା ଦେଲେ କୋହଲି**



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୨୧୭ ● ୪ ସେପ୍ଟେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-217 ● 4th September 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଶ୍ରୀମନ୍ଦିର ନୂଆ ପରିଚାଳନା କମିଟିର ପ୍ରଥମ ବୈଠକ

# ଧାଡ଼ି ଦର୍ଶନ ଓ ରତ୍ନଭଣ୍ଡାର ଗଣତିମଣତିକୁ ମଞ୍ଜୁରୀ

**ପୁରୀ, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ନବଗଠିତ ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ପୁରୀସ୍ଥିତ 'ନୀଳାଦ୍ରି ଭକ୍ତ ନିବାସ'ରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ଧାଡ଼ି ଦର୍ଶନ' ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ ଓ ରତ୍ନଭଣ୍ଡାରର ଗଣତିମଣତି ସମେତ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ୧୪ଟି ସବ୍‌କମିଟି ଗଠନ ଆଦି ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଚଳିତମାସ ୧୫ ତାରିଖରୁ ପୁରୀ ଶ୍ରୀମନ୍ଦିରରେ 'ଧାଡ଼ି ଦର୍ଶନ' (କ୍ୟୁ-ଆଧାରିତ ଦର୍ଶନ) ପ୍ରଣାଳୀକୁ ପରୀକ୍ଷାମୂଳକ ଭାବେ ଲାଗୁ କରିବାକୁ ପରିଚାଳନା କମିଟି ମଞ୍ଜୁରୀ ଦେଇଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ, ଭକ୍ତମାନେ ନାଟମଣ୍ଡପରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ କରିପାରିବେ।



ଏହି ପ୍ରଣାଳୀ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଶ୍ରୀମନ୍ଦିରର ଦୈନିକ ନୀତିକାନ୍ତିରେ କୌଣସି ବାଧା ସୃଷ୍ଟି କରିବ ନାହିଁ ବୋଲି କୁହାଯାଉଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ଧାଡ଼ି ଦର୍ଶନ ଭକ୍ତଙ୍କୁ ଏକ ସୁଗମ ଓ ଶୃଙ୍ଖଳିତ ଦର୍ଶନ ଅନୁଭବ ପ୍ରଦାନ କରିବ ଏବଂ ମନ୍ଦିରର ନୀତିକାନ୍ତିକୁ ଅକ୍ଷୁର୍ଣ୍ଣ ରଖିବ। ଏହି ପ୍ରଣାଳୀକୁ ତଦାରଖ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ନଅଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ଏହି କମିଟି ଖୁବ୍‌ଶୀଘ୍ର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ଦେବେ, ଯାହା ଅନୁସାରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ।

ସେହିପରି ଭକ୍ତମାନଙ୍କ ସୁବିଧା ନିମନ୍ତେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ (ଏଏସଆଇ) ମଧ୍ୟ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖରାଦିନେ ଭକ୍ତମାନଙ୍କୁ ଆରାମଦାୟକ ଦର୍ଶନ ଅନୁଭବ ପ୍ରଦାନ କରିବ। ଏହାସହିତ ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ସାମିଲ ରହିବ। ଅଧିକ ସୁବିଧା ପାଇଁ ପାନୀୟ ଜଳ, ଆସନ ବ୍ୟବସ୍ଥା ଏବଂ ସୂଚନା କେନ୍ଦ୍ର ଆଦି ମଧ୍ୟ ଯୋଗାଇ ଦିଆଯିବ।

ମହାପ୍ରଭୁଙ୍କ ଧାଡ଼ି ଦର୍ଶନ ପ୍ରଣାଳୀକୁ ସୁଗମ କରିବା ପାଇଁ ଜଗମୋହନ ଅଞ୍ଚଳରୁ ହୁଣ୍ଡି (ଦାନପାତ୍ର)କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହା ଭକ୍ତଙ୍କ ଦର୍ଶନ ପ୍ରକ୍ରିୟାକୁ ଆହୁରି ସହଜ କରିବ ଏବଂ ମନ୍ଦିର ପରିସରରେ ଶୃଙ୍ଖଳା ବଜାୟ ରଖିବ। ଏହି ପଦକ୍ଷେପ ଭକ୍ତଙ୍କ ପାଇଁ ଅଧିକ ସ୍ଥାନ ଉପଲବ୍ଧ କରାଇବ ଏବଂ ଦର୍ଶନ ସମୟରେ ଭିଡ଼କୁ ନିୟନ୍ତ୍ରଣ କରିବ ବୋଲି କୁହାଯାଇଛି।

ବୈଠକରେ ରତ୍ନ ଭଣ୍ଡାରର ଗଣତିମଣତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବହୁ ପ୍ରତୀକ୍ଷିତ ପଦକ୍ଷେପ ଶ୍ରୀମନ୍ଦିରର ଐତିହାସିକ ସମ୍ପତ୍ତି ଓ ମୂଲ୍ୟବାନ ଅଳଙ୍କାରର ସୁରକ୍ଷା ଏବଂ ପାରଦର୍ଶିତା *(ପୃଷ୍ଠା ୭ରେ)*

# ନକ୍ସଲ ମୁକ୍ତ ନ ହେବା ଯାଏଁ ଶାନ୍ତିରେ ବସିବୁ ନାହିଁ

**ନୂଆଦିଲ୍ଲୀ, ୦୩।୦୯**

ବୁଧବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ି ନାହାନ୍ତି ବା ନିପାତ ନହେବା ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସିବେ ନାହିଁ। ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ।' ଶାହ କହିଛନ୍ତି ଯେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ।



ସେ କହିଛନ୍ତି ଯେ ଆଇଇଡିର ବିପଦ ସତ୍ତ୍ୱେ, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ। ଗୃହମନ୍ତ୍ରୀ କହିଛନ୍ତି ଯେ କାରେଗୁଟ୍ଟା ପାହାଡ଼ରୁ ନକ୍ସଲମାନଙ୍କ ସାମଗ୍ରୀ ଷ୍ଟୋର ଏବଂ ଯୋଗାଣ ଶୃଙ୍ଖଳାକୁ ଛତିଶଗଡ଼ ପୋଲିସ, ସିଆରପିଏଫ, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର ସହିତ ଧ୍ୱଂସ କରିଥିଲେ। ଶାହା କହିଛନ୍ତି ଯେ ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି।

ସେ କହିଛନ୍ତି ଯେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି। ଶାହ ଏହା ମଧ୍ୟ କହିଛନ୍ତି ଯେ ମୋଦୀ ସରକାର ନକ୍ସଲ ବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷା କର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ସେ କହିଛନ୍ତି ଯେ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ମୂଳୋତ୍ପାଟନ କରିବାକୁ ପ୍ରତିବଦ୍ଧ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୨୦ ସୁଦ୍ଧା ସରିବ ସବୁ ରାସ୍ତା ମରାମତି କାମ

**ଭୁବନେଶ୍ୱର, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ପୂଜା ପୂର୍ବରୁ ସରିବ ରାସ୍ତାଘାଟ ମରାମତି କାମ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଆସନ୍ତା ୬ ତାରିଖରେ ବଡ଼ ବୈଠକ ବସିବ। କଟକ, ଭୁବନେଶ୍ୱରର ସମସ୍ତ ବିଧାୟକ, ମେୟର, କମିଶନରଙ୍କ ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ସେପ୍ଟେମ୍ବର ୨୦ ସୁଦ୍ଧା ସବୁ ରାସ୍ତାର ମରାମତି କାମ ସରିବ। ଏ ନେଇ ୬ ତାରିଖ ବୈଠକରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେବ।

## ଭୂକମ୍ପ ପ୍ରଭାବିତ ଆଫଗାନିସ୍ତାନକୁ ଭାରତ ପଠାଇଲା ୨୧ ଟନ୍ ରିଲିଫ୍ ସାମଗ୍ରୀ

**ନୂଆଦିଲ୍ଲୀ, ୦୩।୦୯**

ଆଫଗାନିସ୍ତାନର ପୂର୍ବ ଭାଗରେ ଆସିଥିବା ଶକ୍ତିଶାଳୀ ଭୂକମ୍ପରେ ମୃତକଙ୍କ ସଂଖ୍ୟା ବଢ଼ିକି ୧୪୦୦ରୁ ଅଧିକ ହୋଇ ଯାଇଛି। ଏହା ସହ ୩୦୦୦ରୁ ଅଧିକ ଆହତ ହୋଇଛନ୍ତି। ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଜୀବିତ ଲୋକଙ୍କ ସନ୍ଧାନରେ ପୂରା ଅଞ୍ଚଳରେ ଉଦ୍ଧାରକାରୀ ଦଳର ତଲାସୀ ଅଭିଯାନ ଜାରି ରହିଛି। ଭାରତ ଅଫଗାନିସ୍ତାନରେ ଭୂକମ୍ପ ପ୍ରଭାବିତ ଲୋକଙ୍କୁ ସହାୟତା ଦେବା ପାଇଁ ୨୧ ଟନ୍ ରିଲିଫ୍ ପଠାଇଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଭାରତୀୟ ଭୂକମ୍ପ ସହାୟତା ବିମାନ ଯୋଗେ କାବୁଲ ପହଞ୍ଚିଛି। କମ୍ବଳ, ଟେଣ୍ଟ, ପାଣି ବିତରଣ ଟ୍ୟାଙ୍କ, ଜେନେରେଟର, ରୋଷେଇ ପାଇଁ ବାସନ, ପାର୍ଟେବଲ ୱାଟର ପ୍ୟୁରିଫାଏର, ସ୍ଲିପିଂ ବ୍ୟାଗ୍, ଜରୁରୀ ମେଡିସିନ୍, ହ୍ୱିଲଚେୟାର, ହାଣ୍ଡ ସାନିଟାଇଜର, ଜଳ ବିଶୋଧନକାରୀ ଟାବଲେଟ୍ ଓ ଚିକିତ୍ସା ଉପଯୋଗ ସାମଗ୍ରୀ ସହିତ ୨୧ ଟନ୍ ରିଲିଫ୍ *(ପୃଷ୍ଠା ୭ରେ)*

# ଭାରତକୁ ଖୋଲା ଧମକ ଦେଲେ ଟ୍ରମ୍ପ୍



**ୱାଶିଂଟନ, ୦୩।୦୯**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ୍ ପ୍ରସଙ୍ଗରେ ଭାରତକୁ ଖୋଲା ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଆମେରିକା ବହୁତ ଶକ୍ତିଶାଳୀ ଏବଂ ଏହା ବିନା ବିଶ୍ୱରେ କିଛି ରହିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚାଇନା ଗସ୍ତ ପରେ ଭାରତ ଉପରେ ଲାଗୁ ହୋଇଥିବା ଟାରିଫ୍ ଉପରେ ମଧ୍ୟ ସେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଟ୍ରମ୍ପ କହିଛନ୍ତି, ଭାରତ ଯାହା ବି ସାମଗ୍ରୀ ତିଆରି କରୁଥିଲା, ତାହା ଆମେରିକାକୁ ପଠାଉଥିଲା, କିନ୍ତୁ ୧୦୦ ପ୍ରତିଶତ ଟାରିଫ୍ ଯୋଗୁ ଆମେ ଭାରତକୁ କିଛି ପଠାଇପାରିଲୁ ନାହିଁ।

ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଆମେ ଭାରତ ସହିତ ଅଧିକ ବାଣିଜ୍ୟ କରୁ ନ ଥିଲୁ, କିନ୍ତୁ ସେମାନେ ଆମ ସହିତ ବାଣିଜ୍ୟ ଜାରି ରଖିଥିଲେ, କାରଣ ଆମେ ସେମାନଙ୍କଠାରୁ କୌଣସି ଟାରିଫ୍ ନେଉ ନ ଥିଲୁ, ଏହା ମୂର୍ଖତା ଥିଲା। ସେମାନେ ଯାହା ବି ସାମଗ୍ରୀ ତିଆରି କରୁଥିଲେ, ତାହା ଆମେରିକୀୟ ବଜାରକୁ ପଠାଉଥିଲେ। ଏହା ଆମେରିକାରେ ବହୁତ ପ୍ରଭାବଶାଳୀ ଥିଲା ଏବଂ ଆମେ ସେମାନଙ୍କୁ କିଛି *(ପୃଷ୍ଠା ୭ରେ)*

## ଆଜି ୫ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ

**ପୁରୀ, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ୫ ଘଣ୍ଟା ସର୍ବସାଧାରଣଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ଗୁରୁବାର ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ଭାଦ୍ରବ ଶୁକ୍ଳ ଦ୍ୱାଦଶ ତିଥିରେ ବାମନ ଜନ୍ମ ନୀତି ପାଇଁ ଦର୍ଶନ ବନ୍ଦ ରହିବ। ଭକ୍ତମାନେ ଏହି ସମୟ ମଧ୍ୟରେ ପ୍ରଭୁଙ୍କୁ ଦର୍ଶନ କରି ପାରିବେ ନାହିଁ। ଅନ୍ୟପଟେ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ପାଇଁ 'ଧାଡ଼ି' ଦର୍ଶନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ। ବୁଧବାର ଶ୍ରୀମନ୍ଦିର ପରିଚାଳନା କମିଟି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏହି ବ୍ୟବସ୍ଥା ନାଟମଣ୍ଡପରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ, ପରେ ପୂର୍ଣ୍ଣାଙ୍ଗ ରୂପେ ଲାଗୁ ହେବ। କମିଟି ଶ୍ରୀଜୀଉଙ୍କ ନୀତି ସମୟାନୁସାରେ ସମ୍ପନ୍ନ ହେବା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି।

## ଆଜିର ମୁଖ୍ୟ ଖବର

- ମହିଳାଙ୍କ ଆତ୍ମହତ୍ୟା ନାଟକ-ମହାନଦୀରେ ପାଣିରେ ପଡ଼ିବା ଅଭିନୟ କରି ପ୍ରେମିକ ସହ ଫେରାର, ପୁରୀରୁ ଉଦ୍ଧାର କଲା ପୁଲିସ।
- ବାଲେଶ୍ୱର ଖଇରା ଏନ.ଏ.ସି ତାଲିକାରୁ ବାଦ୍।
- ଓଡ଼ିଶା-ପଶ୍ଚିମବଙ୍ଗ ସମୁଦ୍ରତଟରେ ମିଳିତ ସୁରକ୍ଷା ଅଭ୍ୟାସ ସାଗର କବଚ ୨ ଆରମ୍ଭ।
- ଓଡ଼ିଶାର ସଡ଼କ ଦୁର୍ଘଟଣା ରାଷ୍ଟ୍ରୀୟ ହାର ଠାରୁ ଅଧିକ।
- ୬ କୋଟିର ଦୁର୍ନୀତି ମାମଲାରେ ବେଲପାହାଡ଼ ପୂର୍ବତନ ଇ.ଓ ମଧୁସ୍ମିତା ସିଂହ ଗିରଫ।
- ସାପକାମୁଡ଼ାରେ ଗଞ୍ଜାମର ତୃତୀୟ ଶ୍ରେଣୀ ଛାତ୍ରଙ୍କ ଅକାଳ ମୃତ୍ୟୁ।
- ଭୁବନେଶ୍ୱର ଡି-ଆଡିକସନ ସେଣ୍ଟରରେ ଯୁବକର ମୃତ୍ୟୁ : ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ।

## ଏସ୍‌ସି ଏସ୍‌ଟି ବିଭାଗ ବୈଠକରେ ୧୭୮ କୋଟିର ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଅଞ୍ଚଳରେ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ସହିତ ଜଡ଼ିତ ଭାରତ ସରକାରଙ୍କୁ ସୁପାରିସ ପାଇଁ ୧୭୮ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ଅନୁମୋଦନ କରାଯାଇଛି। ପ୍ରମୁଖ କାର୍ଯ୍ୟ ମଧ୍ୟରେ ଅତିରିକ୍ତ ଶ୍ରେଣୀଗୃହ, ନୂତନ ଛାତ୍ରାବାସ, ଶିକ୍ଷକ, କର୍ମଚାରୀଙ୍କ ପାଇଁ ବାସଗୃହ, ରାସ୍ତା ଏବଂ ସେତୁ ଅନ୍ତର୍ଭୁକ୍ତ। ସାମଗ୍ରିକ ଯୋଜନା ପ୍ରସ୍ତୁତ କରିବା ଏବଂ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ବୈଠକରେ ମୁଖ୍ୟମନ୍ତ୍ରୀ-ମନ୍ତ୍ରୀ ଜନଜାତି ଜୀବିକା ମିଶନର ରାଜ୍ୟ *(ପୃଷ୍ଠା ୭ରେ)*

## ସୀମାନ୍ତରୁ ଗିରଫ ହେଲେ ୧୬ ମାଓବାଦୀ



**ମାଲକାନଗିରି, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ସିଆରପିଏଫ୍, କୋବ୍ରା ବାହିନୀ ମିଳିତ ଭାବେ ମାଓବାଦୀ ଦମନ କାର୍ଯ୍ୟକ୍ରମରେ ସର୍ଚ୍ଚ ଅପରେସନରେ ବାହାରିଥିବା ବେଳେ ବାସାଗୁଡ଼ା ଥାନା ଅଞ୍ଚଳରୁ ଦୁଇଜଣ, ଗଙ୍ଗାଲୁର ଥାନା ଅଞ୍ଚଳରୁ ୬ ଜଣ, ଜଙ୍ଗଲା ଥାନା ଅଞ୍ଚଳରୁ ୮ଜଣ ଏହିପରି ମୋଟ୍ ୧୬ ଜଣଙ୍କୁ ଗିରଫ କରିଛନ୍ତି।

ଗିରଫ ମାଓବାଦୀଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଓ ମାଓବାଦୀ ପ୍ରଚାର ପତ୍ର ଓ ସାମଗ୍ରୀ ଜବତ କରାଯାଇଛି। ଏ ସମ୍ବନ୍ଧରେ ପଚରା-ଉଚରା କରିବାରୁ ମାଓବାଦୀମାନେ ସୁରକ୍ଷା ବାହିନୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଆଇଇଡି ବିସ୍ଫୋରଣ କରିବା ନିମନ୍ତେ ବିସ୍ଫୋରକ ସାମଗ୍ରୀ ଓ ପ୍ରଚାର ସାମଗ୍ରୀ ଏକାଠି କରିଥିଲେ। ଗିରଫ ସମସ୍ତ ମାଓବାଦୀଙ୍କ ବିରୋଧରେ କେସ୍ ଦାୟର କରି କୋର୍ଟ ଚାଲାଣ କରାଯାଇଛି। *(ପୃଷ୍ଠା ୭ରେ)*

## ସୃଷ୍ଟି ହେଲା ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର

**ଭୁବନେଶ୍ୱର, ୦୩।୦୯**

**ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହେଲା ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର। ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାର ପ୍ରଭାବରେ ଟ୍ୱିନ୍‌ସିଟି ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଏକାଳ ପଖାଳ



ଚୋର ମନ ଚୋର ଗଣ୍ଠୁଲିରେ
ଏକଥାଟା ପୂରା ସତ
ଟ୍ରମ୍ପ ଭାବଇ ସାରା ବିଶ୍ୱ ଏବେ
ବଦଳାଏ ନିଜ ପଥ
ଯିଏ ଯାହାକୁ କଲେ ସାକ୍ଷାତ
ଲାଗଇ ତାକୁ ଏହାର ପଛରେ
ଅଛି ଷଡ଼ଯନ୍ତ୍ର ହାତ।

# ମଝି ଆକାଶରେ ବଢ଼ିବ ଟର୍ବ୍ୟୁଲାନ୍ସ



**ନୂଆଦିଲ୍ଲୀ, ୦୩।୦୯**

ମଝି ଆକାଶରେ ଥିବାବେଳେ ପାଣିରେ ମାଛ ଛଟ୍‌ପଟ୍ ହେବା ଭଳି ହଠାତ୍ ବିମାନ ଯଦି ଝଟ୍‌କାର ଶିକାର ହୁଏ, ତେବେ ତାହା ଟର୍ବ୍ୟୁଲାନ୍ସ। ବିମାନ ଉଡ଼ାଣରେ ଏହା ଅନ୍ୟତମ ସବୁଠୁ ଭୟାନକ ଓ ବିପଦପୂର୍ଣ୍ଣ ମୁହୂର୍ତ୍ତ। ଏବେ ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି, ଏଭଳି ଘଟଣା ଆହୁରି ବଢ଼ିବ ଏବଂ ଆହୁରି ସାଧାରଣ ହେବ। ବିଶ୍ୱ ତାପନ ଏହାର କାରଣ।

ବ୍ରିଟେନର ୟୁନିଭର୍ସିଟି ଅଫ୍ ରିଡିଂର ଗବେଷକଙ୍କ ଦ୍ୱାରା କରାଯାଇଥିବା ସଦ୍ୟ ଅଧ୍ୟୟନରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଅଧ୍ୟୟନରୁ ଜଣାପଡ଼ିଛି, ଜଳବାୟୁ ପରିବର୍ତ୍ତନ ଉଚ୍ଚରେ ହେଉଥିବା ଜେଟ୍ ଷ୍ଟ୍ରିମ୍ (ପୃଥିବୀ ବାୟୁମଣ୍ଡଳର ପ୍ରାୟ ୩୦ ହଜାର ଫୁଟ ଉଚ୍ଚରେ ପ୍ରବାହିତ ଶକ୍ତିଶାଳୀ ପବନର ଧାରା), ପୃଥିବୀକୁ ପରିକ୍ରମା କରୁଥିବା ଓ ମହାଦେଶମାନଙ୍କରେ ବିମାନର ମାର୍ଗ ଦର୍ଶନ କରୁଥିବା ଶକ୍ତିଶାଳୀ ପବନର ଧାରାରେ ବ୍ୟାଘାତ ସୃଷ୍ଟି କରୁଛି। ଅଧ୍ୟୟନ ଅନୁସାରେ, ଏହି ପରିବର୍ତ୍ତନ ବାୟୁମଣ୍ଡଳକୁ ଲଗାତାର ଅସ୍ଥିର କରୁଛି। ଏହା ଦ୍ୱାରା ଯାତ୍ରୀ ଓ ବିମାନ ଚାଳକ ଦଳଙ୍କ ପାଇଁ ବିପଦପୂର୍ଣ୍ଣ ଟର୍ବ୍ୟୁଲାନ୍ସର ବିପଦ ବଢ଼ୁଛି।

ଏହି ବିଶ୍ୱବିଦ୍ୟାଳୟ ପୂର୍ବ ଅଧ୍ୟୟନରୁ ଦର୍ଶାଇଥିଲା ଯେ ୧୯୭୯ରୁ ୨୦୨୦ ମସିହା ମଧ୍ୟରେ ଗମ୍ଭୀର ବିମାନ ଟର୍ବ୍ୟୁଲାନ୍ସ ଘଟଣା ୫୫ ପ୍ରତିଶତ *(ପୃଷ୍ଠା ୭ରେ)*

## ସେପ୍ଟେମ୍ବରରେ ଫେରୁଛି ଲା-ନିନା ବଡ଼ ବର୍ଷା ପରେ ହାଡ଼ଭଙ୍ଗା ଶୀତ



**ନୂଆଦିଲ୍ଲୀ, ୦୩।୦୯**

ବିଶ୍ୱ ପାଣିପାଗ ସଙ୍ଗଠନର ଚେତାବନୀ। ସେପ୍ଟେମ୍ବରରେ ପୁଣି ଫେରୁଛି ଲା-ନିନା। ପ୍ରଭାବିତ ହେବ କ୍ଲାଇମେଟ୍ ସିଷ୍ଟମ୍। ବଡ଼ ବର୍ଷା ପରେ ହାଡ଼ଭଙ୍ଗା ଶୀତ। ପ୍ରଶାନ୍ତ ମହାସାଗରର ପେରୁ ତଟରେ ପେରୁ କରେଣ୍ଟ ଓଲଟା ବହିବା ଆରମ୍ଭ ହୋଇଗଲାଣି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଲାନିନୋ ବିକଶିତ ହେବ। ଏହି ଥଣ୍ଡା ଜଳଧାରା ଭାରତ ମହାସାଗରରେ ପହଞ୍ଚି କ୍ଲାଇମେଟ୍ ସିଷ୍ଟମ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ସେପ୍ଟେମ୍ବର ୨୦୨୫ ଗୁରୁବାର





# ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସଂଯୁକ୍ତ କୃଷକ ସଂଗଠନ ତରଫରୁ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି । ନୂତନ ଧାନ ପଞ୍ଜୀକରଣ ସମସ୍ୟାର ସମାଧାନ ନହେବା କାରଣରୁ ଜିଲ୍ଲାରେ ହଜାର ହଜାର ପ୍ରକୃତ ଚାଷି ଧାନ କାର୍ଡ ତିଆରି କରିବାରୁ ବଞ୍ଚିତ ହୋଇଛନ୍ତି । ସେଥିପାଇଁ ସଂଗଠନ ପକ୍ଷରୁ ଗତ ୨୬ ତାରିଖରେ ପ୍ରଥମେ ଜିଲ୍ଲାପାଳ ପରେ ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଥିଲା । ମନ୍ତ୍ରୀ ଚାଷୀମାନଙ୍କ ସହିତ ଆଲୋଚନା କଲାପରେ କୌଣସି ପ୍ରକୃତ ଚାଷି ପଞ୍ଜୀକରଣରୁ ବାଦ ପଡିବେନାହିଁ ଏବଂ ଜିଲ୍ଲାପାଳମାନେ ଯେଉଁ ରିପୋର୍ଟ ଦେବେ ସେହି ଆଧାରରେ ପଞ୍ଜୀକରଣ ଅବଧି ବଢିବ ଓ ପଞ୍ଜୀକରଣ କରିପାରିବେ ବୋଲି କହିଥିଲେ । ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ତ ଯୋଗ୍ୟ ଚାଷି ପଞ୍ଜୀକୃତ ହେବେ ବୋଲି ଦୃଢ଼ୋକ୍ତି ଦେଇଥିଲେ । ହେଲେ ଇତି ମଧ୍ୟରେ ସାତ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଞ୍ଜୀକରଣ ଆରମ୍ଭ ହୋଇନଥିବାରୁ ବଞ୍ଚିତ ଚାଷୀମାନେ ସକାଳୁ ଉପନିବନ୍ଧକ କାର୍ଯ୍ୟାଳୟକୁ ଆସି ପଞ୍ଜୀକରଣ ସମ୍ପର୍କରେ ପଚାରିଥିଲେ । କିନ୍ତୁ ସନ୍ତୋଷ ଜନକ ଉତ୍ତର ନମିଳିବାରୁ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ବାହାର କରିଦେଇ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ଦୀର୍ଘ ୩ ଘଣ୍ଟା ପରେ DRCS ଯୁଗଳ ଦାସ ଜନ ଶୁଣାଣି କାର୍ଯ୍ୟକ୍ରମରୁ ସିଧା ଅଫିସକୁ ଆସି ଚାଷୀମାନଙ୍କ ସହିତ ଆଲୋଚନା କଲେ ଏବଂ ୨୫ ତାରିଖ ପର୍ଯ୍ୟନ୍ତ ଯେଉଁମାନେ ସୋସାଇଟିରେ ନିଜର କାଗଜପତ୍ର ଦେଇଛନ୍ତି ସେମାନେ ନିଶ୍ଚିତ ପଞ୍ଜୀକୃତ ହୋଇପାରିବେ ବୋଲି କହିବା ପରେ ତାଲା ଖୋଲି ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା । ଏବଂ ଯଦି ଆଲୋଚନା ମୁତାବକ ଆସନ୍ତା ଗୁରବାର ଦିନ ସୁଦ୍ଧା ପଞ୍ଜୀକରଣ ଆରମ୍ଭନହେଲେ ପୁଣି ଆନ୍ଦୋଳନକୁ ଉଲ୍ହାଇବା ପାଇଁ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରମେଶ ମହାପାତ୍ର, ସୁଦାମ ପାତ୍ର, ନିରଞ୍ଜନ ପଧାନ, ସୁରେଶ ନିକେଷ୍ଟି, ସୁରେଶ କର୍ଣ୍ଣ, ରବିଶଙ୍କର ପଧାନ, କାରଣ ସାହୁ, ଈଶାନ୍ତ ଭୋଇ, ମନୋଜ ଖମାରୀ କୋଶଲ ସେନାର ବୀରବଳ ମହାକୁଡ଼ ସମେତ ବିଭିନ୍ନ ଗ୍ରାମରୁ ଶହ ଶହ ଚାଷି ଏହି ଆନ୍ଦୋଳନରେ ଯୋଗଦେଇଥିଲେ ।



# ବିଶ୍ୱବିଦ୍ୟାଳୟ ହଷ୍ଟେଲ ରୋଷେଇ ଘରେ ଅଗ୍ନିକାଣ୍ଡ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ର ହଷ୍ଟେଲ (ମେଘାସଣି-୧)ରେ ଗ୍ୟାସ୍ ସିଲିଣ୍ଡର ଲିକ୍ ଫଳରେ ଅଗ୍ନିକାଣ୍ଡ ହୋଇଛି । ମଙ୍ଗଳବାର ସକାଳ ସମୟରେ ରୋଷେଇ କରୁଥିବା ଅବସ୍ଥାରେ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ନିର୍ଗତ ହୋଇ ନିଆଁ ଲାଗିଥିଲା । କୌଣସି କାରଣ ପାଇଁ ଅଗ୍ନି ସଂଯୋଗ ହୋଇଥିବାବେଳେ ହଠାତ୍ ଜଳି ଉଠିଥିଲା । ଯାହାଫଳରେ ରୋଷେଇଘରେ ଥିବା ଜିନିଷ ଗୁଡ଼ିକ ଜଳି ନଷ୍ଟ ହୋଇଛି । ଅଗ୍ନିକାଣ୍ଡ ଦେଖି ଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇ ନିଆଁକୁ ଅଳ୍ପ ସମୟ ମଧ୍ୟରେ ଆୟତ୍ତ କରିଥିଲେ । ସମ୍ପୂର୍ଣ୍ଣ ଭାବେ ନିଆଁକୁ ଆୟତ୍ତ କରିଥିବା ବେଳେ ଛାତ୍ରଛାତ୍ରୀ ମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରୋଷେଇୟା ଦେବଦତ୍ତ ତାଣ୍ଡିଙ୍କ ନିକଟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଭାଗ୍ୟବଶତଃ ସେ ସାମାନ୍ୟ ଆହତ ହୋଇଛନ୍ତି । ବଡ଼ ଅଘଟଣରୁ ଟଳିଯାଇଛି । ଏ ବାବଦରେ ଅଗ୍ନିଶମ ବାହିନୀ ପକ୍ଷରୁ ତଦନ୍ତ କରିଥିବା ନେଇ ସୂଚନା ମିଳିଛି ।

# ଆକ୍ସନ ମୋଡ଼ରେ ଚମାଖଣ୍ଡି ଥାନାଧିକାରୀ

## ୪୪,୮୪୦ ଟଙ୍କା ଜବତ:୪ ଗିରଫ




**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଆଗକୁ ଆସୁଥିବା ପାର୍ବଣ ଋତୁକୁ ଆଖି ଆଗରେ ରଖି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶରେ ସମସ୍ତ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢଉ କରାଯାଉଥିବା ବେଳେ ପୂଜା ପୂର୍ବରୁ ଏବେ ଆକ୍ସନ୍ ମୋଡ଼ରେ ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି । ନୂଆରେ ଦାୟିତ୍ୱ ନେଇଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କମ୍ ଦିନ ଭିତରେ ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢଉ ଜୋରଦାର ଜାରି ରଖିଛନ୍ତି । ଯୁଆଡ଼ିଆ ମାନେ ଜୁଆ ଖେଳ ସ୍ଥାନ ନିରୂପଣ କରି ଚାଲିଥିବା ବେଳେ ପୋଲିସ ମଧ୍ୟରେ ଅପରେସନ୍ ଜୁଆ ଆଡ୍ଡା ଉପରେ ଜିରୋ ଟଲେରେସ ରେସନ ଜାରି ରଖିଛି । ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବିଗିତ ଦିନ ମାନଙ୍କରେ ଯେଉଁ ସ୍ଥାନରେ ବଡ଼ ଧରଣର ଜୁଆ ଖେଳ ହୋଉଥିଲା ସେହି ସ୍ଥାନକୁ ନଜର ରଖିବାକୁ ସମ୍ପୃକ୍ତ ଥାନାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚମାଖଣ୍ଡି ଥାନା ଅନ୍ତର୍ଗତ କଣମଣା ପଞ୍ଚାୟତର ମାଟିଖାଲ ଗ୍ରାମରେ ରାତି ପ୍ରାୟ ଏଗାରଟା ସମୟରେ ଜୁଆଖେଳ ଆଡା ନେଇ ଚମାଖଣ୍ଡି ଥାନା ଅଧିକାରୀ ସୂଚନା ପାଇବା ପରେ ଚମାଖଣ୍ଡି ଥାନା ପୋଲିସ ଟିମ୍ ଚଢ଼ଉ କରିଥିଲେ ଏବଂ ସେହି ସ୍ଥାନରୁ ୪୪ ହଜାର ୮୪୦ ଟଙ୍କା ଜବତ କରିବା ସହ ଗୋଟିଏ ଏଲଇଡି ବଲ୍‌ବ, ମୋବାଇଲ୍ ଫୋନ୍ ୫ଟି , ବାଇକ୍ ୨ଟି, ଜରିପାଲ ଗୋଟିଏ, ପ୍ଲେନ୍ କାର୍ଡ ୪ଟି ଜବତ କରିବା ସହ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି । ଏନେଇ ଚମାଖଣ୍ଡି ଥାନାରେ କେଶ୍ ନମ୍ବର ୪୧୧/୨୫ରେ ଥ୍ରୀ ଓପିଜିରେ ନୋଟିସ୍ କରାଯାଉଛି ଏବଂ ଗିରଫ ହୋଇଥିବା ଯୁଆଡ଼ିଙ୍କ ମଧ୍ୟରେ ମାଟି ଖାଲ ଗ୍ରାମର ମୁନା ପ୍ରଧାନ (୨୬), ସାଗର ପ୍ରଧାନ (୨୮), ଉଦୟ ପ୍ରଧାନ (୫୩) ଏବଂ ଏ ତୋଟାପଲିର ଗୁରୁନାଥ ପ୍ରଧାନ (୨୮)ଙ୍କୁ ଗିରଫ କରି ଚମାଖଣ୍ଡି ପୋଲିସ ଏକ ମକଦ୍ଦମା ରୁଜୁ କରିଛି ।



# ବାପାର ଇଟା ମାଡ଼ରେ ପୁଅ ମୃତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ପାରିବାରିକ କଳହକୁ କେନ୍ଦ୍ର କରି ଅଭାବନୀୟ ଘଟଣା । ରାଇଘର ବ୍ଲକ କୁନ୍ଦେଇ ଥାନା ଅନ୍ତର୍ଗତ ତରେଇଡିହି ଗାଁରେ ବାପାର ଇଟା ମାଡ଼ରେ ପୁଅର ମୃତ୍ୟୁ ହୋଇଛି । ଅଭିଯୁକ୍ତକୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି । ହାଟଭରାଣ୍ଡି ପଞ୍ଚାୟତ ତରେଇଡିହି ଗାଁର ଜୟଲାଲ ଗଣ୍ଡଙ୍କ ବଡ଼ପୁଅ ରାଜକୁମାର ଗଣ୍ଡ (୩୮ବର୍ଷ) କିଛି ମାସ ହେଲା ମଦ୍ୟପାନ କରି ଘରେ ଗଣ୍ଡଗୋଳ କରୁଥିଲା । ନିଶାସକ୍ତ ଅବସ୍ଥାରେ ଗତ ଶୁକ୍ରବାର ଦିନ ନିଜ ପୁଅକୁ ମାରପିଟ୍ କରିଥିଲା ରାଜକୁମାର । ସନ୍ଧ୍ୟାରେ ବି ମଦ ପିଇବା ପରେ ଘରକୁ ଆସି ମା'ଙ୍କ ସହ ଝଗଡ଼ା କରିଥିଲା । ବାପା ବାରଣ କରିବାରୁ ପାଟିତୁଣ୍ଡ କରି ଠେଲାପେଲା କରିଥିଲା । ଗଣ୍ଡଗୋଳ ଉଗ୍ରରୂପ ନେବାରୁ ବାପା ରାଗିଯାଇ ଗୋଟିଏ ଇଟାରେ ରାଜକୁମାର ମୁଣ୍ଡକୁ ଆକ୍ରମଣ କରିଥିଲେ । ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ରାଜକୁମାରର ମୃତ୍ୟୁ ହୋଇଥିଲା । ଖବରପାଇ କୁନ୍ଦେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା । ରାତି ହୋଇଯିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି ।

# ପାରିବାରିକ କଳହରୁ ଦେହରେ କିରାସିନି ଢାଳି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁର ବ୍ଲକ କଂକ୍ରେଇଲୋ ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ବନ୍ଦ ଘର ଭିତରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସାଲେପୁର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାଇ ସିଡ୍ରୋ ପଞ୍ଚାୟତ କଂକରାଇଲୋ ଗ୍ରାମର ଅଜୟ ରାଉତଙ୍କ ପତ୍ନୀ ତିଲୋତ୍ତମା ରାଉତ (୫୨) ଦେହରେ କିରସିନ ଢାଳି ନିଆଁ ଲଗାଇ ଦେଇଥିଲେ । ଗ୍ରାମର ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି । ମହଳାଙ୍କ ଦେହରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ, ପାରିବାରିକ କଳହକାରଣରୁ ଏପରି ଘଟିଥିବା କୁହାଯାଉଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ମହିଳା ଜଣକ ନିଜେ ଜଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା ତାଙ୍କୁ କେହି ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ କରାଯାଇଛି ତାହା ଆଲୋଚ୍ୟ ବିଷୟ ହୋଇଛି । ଖବରପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କଟକ ଏସ୍‌ସିବିରେ ପହଞ୍ଚି ମହିଳାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# କାର୍ ସହ ୧୮୭ ବୋତଲ କଫ୍ ସିରପ୍ ଜବତ:୪ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ପୋଲିସକୁ ଅପରେସନ ଗଞ୍ଜରେ ମିଳିଛି ସଫଳତା । ୧୮୭ ବୋତଲ କଫ୍ ସିରପ୍ ଜବତ ସହ ୪ ଅଭିଯୁକ୍ତକୁ ଗିରଫ ସହ ଅଭିଯୁକ୍ତଙ୍କ ପାଖରୁ ୩ ଟି ମୋବାଇଲ ଜବତ କରିଛି ପୋଲିସ । ଏହି କାରବାରରେ ବ୍ୟବହୃତ ଏକ ସ୍ୱିଫ୍ଟ ଡିଜାୟାର କାର୍ ମଧ୍ୟ ଜବତ ହୋଇଛି । ଏନେଇ ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ । କଫ୍‌ସିରପ୍‌କୁ ସେମାନେ ଉଲୁଣ୍ଡା ବସ୍‌ଷ୍ଟାଣ୍ଡ ପାଖରୁ ସୋନପୁରକୁ ଚାଲାଣ କରୁଥିବାବେଳେ ଉଲୁଣ୍ଡା ସଦର ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ପିଛା କରି ଧରିଥିଲେ । ଅଭିଯୁକ୍ତମାନେ ହେଲେ ସୋନପୁର ସହରର ମାଳିପଡାର କନ୍ନେଇଲାଲ ଉଗେର (୩୫), ସରୋଜ ବଡଚାଟ୍, ଅନିଲ ପରୁଆ (୩୧), ଷଷ୍ଠୀ ଦରୁଆନ (୩୮) ବର୍ଷ । ଏ ନେଇ ଏକ ଏନ୍‌ଡିପିଏସ୍ କେସ୍ ଉଲୁଣ୍ଡା ଥାନା କେସ୍ ନଂ ୧୧୭ ତା ୦୧/୦୯/୨୫ U/s-୨୧(b)/୨୫/୨୯ରେ ଏକ ମାମଲା ରୁଜୁ ହୋଇଛି । ସେହିପରି ସୋନପୁର ସଦର ଥାନା ଅଞ୍ଚଳରେ ଏକ ଚୋରା ଅଭିନବ ଉପାୟରେ ଶାଗ ଭର୍ତ୍ତି ପଲିଥିନୟ ଭିତରେ ଗଞ୍ଜେଇ ଚାଲାଣରେ ୩ କେଜି ଗଞ୍ଜେଇ ସହ ଏକ ମୋଟର ସାଇକେଲ ସହ ଅଭିଯୁକ୍ତ ଉତ୍ତରପ୍ରଦେଶ ମହୁଆ ଜିଲ୍ଲାର ଚରଖେଇ ଥାନ ଅଞ୍ଚଳର ଲକ୍ଷ୍ମୀନାରାୟଣ ପ୍ରଜାପତିକୁ ଗିରଫ କରିଛି ସୋନପୁର ପୋଲିସ । ଏ ନେଇ ଏକ ମାମଲା NDPS ଆକ୍ଟରେ କେସ୍ ନଂ ୨୧୭ ତା ୦୧/୦୯/୨୫ U/s- ୨୦(b)(ii)(B)ରେ ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ସେପଟେ ସୋନପୁର ସହରର ୪ ଅଭିଯୁକ୍ତ ଉଲୁଣ୍ଡାରେ ଗିରଫ ପରେ ସୋନପୁର ଥାନା ଅଞ୍ଚଳରେ ବେଆଇନ୍ ନିଶା କାରବାର ବୃଦ୍ଧି ପାଉଥିବା ନିଶ୍ଚିତ ହୋଇଥିବା ବେଳେ ସୋନପୁର ସଦର ଥାନାର ବିଫଳତାକୁ ଦର୍ଶାଉଛି କାରଣ ସବୁ ଜାଣିଶୁଣି ଚୁପ୍ ବସିଛି ସଦର ଥାନାର ପୋଲିସ ।



# ମହିଳା ଆୟୋଗଙ୍କ ତୁଳସୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜ୍ୟ ମହିଳା ଆୟୋଗର ସମ୍ମାନନୀୟ ସଦସ୍ୟା ଡ. କଳ୍ପନା ମାଳିକଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପରିଦର୍ଶନ ସମ୍ପନ୍ନ ହୋଇଛି । ସେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ, ଆଭ୍ୟନ୍ତରୀଣ କମିଟିର ଅଧ୍ୟକ୍ଷା ଓ ସଦସ୍ୟ–ସଦସ୍ୟାମାନଙ୍କ ସହ କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ନିଷେଧ ଆଇନ୍ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଆଲୋଚନା ରେ ଛାତ୍ରୀମାନଙ୍କ ସହ ମଧ୍ୟ ସିଧାସଳଖ ଆଲୋଚନା ହୋଇଥିଲା । ଯେଉଁଥିରେ ଆଭ୍ୟନ୍ତରୀଣ କମିଟିର ଭୂମିକା, ଯୌନ ଉତ୍ପୀଡନ ବିଷୟକ ନିୟମାବଳୀ, IEC ସାମଗ୍ରୀ ବ୍ୟବହାର ଓ ଯୌନ ଉତ୍ପୀଡନ ଘଟଣା ସମ୍ବନ୍ଧୀୟ ସଚେତନତା ଉପରେ ଗଭୀର ଆଲୋଚନା ହୋଇଥିଲା । ଏହି ପରିଦର୍ଶନ ଲକ୍ଷ୍ୟ ଥିଲା ଶିକ୍ଷାନୁଷ୍ଠାନରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା । ପରିଦର୍ଶନ ସମୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶୁଷମା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଦୁର୍ବୃତ୍ତ ଲୁଟିନେଲେ ନଗଦ ୩ ଲକ୍ଷ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଦିନ ଦ୍ୱିପ୍ରହରେ ଦୁର୍ବୃତ୍ତମାନେ ଅଭିନବ ଉପାୟରେ ଜଣେ ବ୍ୟକ୍ତିଙ୍କ ଠାରୁ ୩ ଲକ୍ଷ ଟଙ୍କା ଲୁଟ୍ କରିଥିବା ଚୌଦ୍ୱାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରକାଶଯେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଗୁରୁଡ଼ିଝାଟିଆ ଥାନା ନଇମାଳିଆ ଗ୍ରାମର ବୈକୁଣ୍ଠ ନାଥ ରାଉତ ଚୌଦ୍ୱାର ଧୁମାବତୀ ନିକଟସ୍ଥ ଷ୍ଟେଟ୍ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ସ୍କୁଟି ଚଳାଇ ଯାଇ ଚୌଦ୍ୱାର ଛାରବାଟିଆ ବଜାରର ଶାନ୍ତି ପ୍ଲାଜା ନିକଟରେ ଛିଡ଼ା ହୋଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ରାସ୍ତାରେ ପଡିଥିବା କିଛି ଦଶ ଟଙ୍କିଆ ନୋଟ୍‌କୁ ଦେଖାଇ ଟଙ୍କା ତାଙ୍କର କି ବୋଲି ପଚାରିଥିଲେ । ଉକ୍ତ ଟଙ୍କା ତାଙ୍କର ବୋଲି କହି ବୈକୁଣ୍ଠ ରାସ୍ତାରେ ପଡ଼ିଥିବା ଟଙ୍କା ଗୋଟାଇବାରେ ଲାଗି ପଡିଥିଲେ । ଏହି ସମୟରେ ଅନ୍ୟଜଣେ ବ୍ୟକ୍ତି ଆସି ବୈକୁଣ୍ଠଙ୍କ ସ୍କୁଟି ଡିକି ଖୋଲି ଡିକି ଭିତରେ ଥିବା ଟଙ୍କାକୁ ନେଇ ପାଖରେ ବାଇକ୍‌ରେ ଥିବା ଜନୈକ ଯୁବକଙ୍କ ସହିତ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ବୈକୁଣ୍ଠ ତାଙ୍କୁ ଧରିବା ପାଇଁ ବାଇକ୍ ପଛରେ କିଛିବାଟ ଦୌଡି ଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କୁ ଧରିପାରିନଥିଲେ । ଟଙ୍କା ଉଠାଇବାକୁ କହିଥିବା ବ୍ୟକ୍ତି ଜଣକ ମଧ୍ୟ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ବୈକୁଣ୍ଠ ତୁରନ୍ତ ଏ ସମ୍ପର୍କରେ ଚୌଦ୍ୱାର ଥାନାକୁ ଖବର ଦେବାରେ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରୀ ରଖିଛି ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାଂସ୍କୃତିକ ସଂଗଠନ ଦ୍ୱାରା "ସଙ୍ଗୀତ ଯୁଗଳବନ୍ଦୀ"




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାଂସ୍କୃତିକ ସଂଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ – "ସଙ୍ଗୀତ ଯୁଗଳବନ୍ଦୀ" ଖୋର୍ଦ୍ଧା ରୋଡ଼ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁଭ୍ରଜ୍ୟୋତି ମଣ୍ଡଳ, ଏ.ଡି.ଆର୍.ଏମ୍ କହିଛନ୍ତି ଯେ ସାଂସ୍କୃତିକ ସଂଗଠନର ପ୍ରୟାସ ରେଳ କର୍ମଚାରୀ ଓ ସେମାନଙ୍କର ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି । କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ଆସିଫ୍ ଖାନ୍, ବିକାଶ ସର୍କାର, ମନୀଶଙ୍କର ବିଶ୍ୱାସ, ଦେବାଶିଷ କର୍ମାକର ଓ ଆନନ୍ଦ ପ୍ରସାଦ ଦିକ୍ଷିତଙ୍କ ସୁରିଲା ସଙ୍ଗୀତ ପ୍ରଦର୍ଶନରେ ଶ୍ରୋତାମାନେ ମୋହିତ ହେଲେ । ରେଳ ମଣ୍ଡଳ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକଳାପ ଓ ସାଂସ୍କୃତିକ ପ୍ରଚାରରେ ତାହାର ଭୂମିକା ବିଷୟରେ ଅବଗତ କରାଇବା ସହ କାର୍ଯ୍ୟକ୍ରମର ସମନ୍ୱୟକାରୀ ଭାବେ ତପସ୍ୱିନୀ ମହାନନ୍ଦିଆ, ସହାୟକ କର୍ମଚାରୀ ଅଧିକାରୀ ତଥା ସହାୟକ ସଚିବ, ରେଳମଣ୍ଡଳ ସାଂସ୍କୃତିକ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ରେଳ ଅଧିକାରୀ, କର୍ମଚାରୀ ଓ ପରିବାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଂସ୍କୃତିକ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ ।

# ଏଆଇସିସି ପକ୍ଷରୁ ଓଡ଼ିଶାର ଦାୟିତ୍ୱରତ ପର୍ଯ୍ୟବେକ୍ଷକଙ୍କ ରାୟଗଡା ଗସ୍ତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଏଆଇସିସି ଓଡ଼ିଶାର ଦାୟିତ୍ୱରତ ପର୍ଯ୍ୟବେକ୍ଷକଙ୍କ ରାୟଗଡା ଗସ୍ତ ସମୟରେ ରାୟଗଡା ଜିଲ୍ଲାରେ ଦଶ ଦିନ ରହଣିରେ ବିଭିନ୍ନ ବ୍ଲକ ଗସ୍ତ କରିବେ । ବିଭିନ୍ନ ବ୍ଲକ ସ୍ତରରେ ୫ ଜଣିଆ କର୍ମକର୍ତ୍ତା ଭିନ୍ନ ଭିନ୍ନ ସମ୍ପ୍ରଦାୟ ପୁରୁଷ ଓ ମହିଳାଙ୍କୁ ଚୟନ କରି ବ୍ଲକ ସ୍ତରୀୟ ପ୍ରଚାର ଓ ପ୍ରସାର ଦାୟିତ୍ୱ ପ୍ରଦାନ କରାଯିବ ବୋଲି ବର୍ତମାନର କାର୍ଯ୍ୟ ନିର୍ବାହୀ ଜିଲ୍ଲା ସଭାପତି ଗଣମାଧ୍ୟମ ଓ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଜଣାଇଥିଲେ । ତାସାଙ୍ଗଙ୍କୁ ରାୟଗଡା ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟାକୁ ଗତିଶୀଳ କରିବା ସହିତ ଦଳକୁ ଆହୁରି ମଜବୁତ କରିବା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ଶଧ ଜିଲ୍ଲାରେ ପହଞ୍ଚି ସମୀକ୍ଷା କରିଛନ୍ତି । ସ୍ଥାନୀୟ ଟାଉନ୍‌ହଲ୍‌ରେ ଆୟୋଜିତ ସାମ୍ବାଦିକ ଓ କର୍ମୀ ସମ୍ମିଳନୀରେ ସେ କଂଗ୍ରେସର ଜିଲ୍ଲାସ୍ତରୀୟ ନେତା ଏବଂ କର୍ମୀମାନଙ୍କ ସହ ଆଲୋଚନା କରିଛନ୍ତି । ସଭାରେ କେମିତି କଂଗ୍ରେସକୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଶକ୍ତିଶାଳୀ କରାଯିବ ଓ ପୁରୁଣା କର୍ମୀ କିପରି ଦଳକୁ ଫେରିବେ ସେଥିପାଇଁ ମତାମତ ସଂଗ୍ରହ କରାଯାଇଥିଲା । ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକ କଂଗ୍ରେସ ଦଳର ରହିଛନ୍ତି । ତେଣୁ ଦଳ ଏଠି ସୁଦୃଢ ଅଛି ବୋଲି ପ୍ରକାଶ କରିଥିଲେ । ପର୍ଯ୍ୟବେକ୍ଷକ ଅର୍ଶଧ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି କର୍ମୀମାନଙ୍କ ସହିତ ଆଲୋଚନା କରିବେ ଓ ଅନ୍ତିମ ରିପୋର୍ଟ ଏଆଇସିସି ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ ବୋଲି ସୂଚନା ମିଳିଛି । ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସହିତ ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ବରିଷ୍ଠ ନେତା ଅଜିତ ଦାସ, ସୁନୀଲ ଚନ୍ଦ୍ର ପଣ୍ଡା, ଦୀଲିପ ପଟ୍ଟନାୟକ, ଯୁବନେତା ଅସଲମ ଖାନ୍, ବାଦଲ ମହାନ୍ତି, ଚିନ୍ନାରୀ କ୍ରିଷ୍ଣା, ଶଙ୍କର ମଙ୍ଗରାଜ, ଚନ୍ଦ୍ରମଉଳି କୁମୁନ୍ଦନ, ଭବାନୀ ଜେନା, ମନୋଜ ରଥ ଓ ଜିଲ୍ଲାର ଅନେକ କଂଗ୍ରେସ କର୍ମୀ ସାଙ୍ଗକୁ ଜିଲ୍ଲାର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।




# ଗୋରୁ ଚାଲାଣ ଗାଡ଼ିକୁ ଜବତକଲା ପୋଲିସ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବାଲିଚନ୍ଦ୍ରପୁର ଥାନା ନୋଳିପୁର ଅଞ୍ଚଳରୁ ପଶ୍ଚିମବଙ୍ଗ ଗୋଚାଲାଣ ହେଉଥିବା ଖବରପାଇ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଚାଲାଣ ଗାଡ଼ିକୁ ୫୩ ନଂ ଜାତୀୟ ରାଜପଥରେ ଜବତ କରିଥିଲେ । ଏହି ଚାଲାଣ ହେଉଥିବା କଣ୍ଟେନରରେ ୨୯ରୁ ଊର୍ଦ୍ଧ୍ୱ ମୃତ ଗୋରୁ ଓ ୩୦ଟି ଜୀବନ୍ତ ଗୋରୁକୁ ଉଦ୍ଧାର କରିଥିଲେ । ଥାନା ଅଧିକାରୀ ମଲା ଗୋରୁଙ୍କର ସଂସ୍କାର କରିଥିଲେ ଓ ଅନ୍ୟ ଗୋରୁଙ୍କୁ ଚିକିତ୍ସା କରାଇ ଗୋଶାଳାରେ ଛାଡ଼ିଥିଲେ । ଥାନା ଅଧିକାରୀଙ୍କ ଏ ସାହସିକ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଥିବା ବେଳେ ଗୋମାଫିଆ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି ।




# ପୋଲିସକୁ ଚାଲେଞ୍ଜ କରି ଟାୟାର ଦୋକାନରୁ ଲୁଟି ନେଲେ ୧୫ ଲକ୍ଷ ଟଙ୍କା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଲୁଟେରା ମାନେ ଯାଜପୁର ପୋଲିସକୁ ଚାଲେଞ୍ଜ, ପାଣିକୋଇଲିର ଲୁଟେରାମାନେ ନିର୍ଭୟରେ ଲୁଟ୍ କରି ଫେରାର୍ ହୋଇଯାଉଛନ୍ତି । ପୋଲିସ ଲୁଟେରାଙ୍କ ସୁରାକ୍ ପାଉନାହିଁ । ଯାଜପୁର ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଚୋରି ଡକାୟତରାଜ ନୀତିକ ହିଂସା ବୃଦ୍ଧି ପାଉଛି । ସାଧାରଣଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପାଣିକୋଇଲି ଛକ ଯାଜପୁର ଏସ୍‌ପି କାର୍ଯ୍ୟାଳୟ ରହିଛି ଓ ପୋଲିସ ହେଡ୍ କ୍ୱାର୍ଟର ମଧ୍ୟ ରହିଛି । କିନ୍ତୁ ଲୁଟେରା ଓ ଡକାୟତମାନେ ନିର୍ଭୟରେ ଲୁଟ୍ କରି ଯାଉଛନ୍ତି । ଯାଜପୁର ଜିଲ୍ଲାର ପାଣିକୋଇଲି ଛକରେ ଗତ ଜାନୁଆରୀ ମାସ ୪ ତାରିଖ ରେ ଏକ ଅଭାବନୀୟ ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଦିନ ଦୁଇପହରେ ପଣ୍ଡା ଅଳଙ୍କାରୁ ଲୁଟ୍ ହୋଇଥିବା ଘଟଣା ଏପର୍ଯ୍ୟନ୍ତ ଲୋକମାନଙ୍କ ମନରୁ ଯାଇନଥିଲା ବେଳେ ପୁଣି ଏବେ ଏକ ଅଭାବନୀୟ ଘଟଣା ଘଟିଛି । ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ପାଣିକୋଇଲି ଥାନା ସ୍ଥିତ ପାଣିକୋଇଲି ଛକରେ । ସୋମବାର ଘଟିଛି ଏକ ଅଭାବନୀୟ ଘଟଣା ଦୋକାନ ଭିତରୁ ୧୫ ଲକ୍ଷ ଚୋରି ହୋଇଛି । ଯାଜପୁର ପାଣିକୋଇଲି ଥାନା ଅନ୍ତର୍ଗତ ହରପାର୍ବତୀ ଟାୟାର ଦୋକାନ ଭିତରେ ପଶି ୧୫ ଲକ୍ଷ ଟଙ୍କା ଚୋରି କରି ନେଇଗଲେ ଡକାୟତ । ସିସିଟିଭି ଫୁଟେଜ୍‌ରୁ ମିଳିଲା ପ୍ରମାଣ । ଡକାୟତ ନିର୍ଭୟରେ ମାଲିକକୁ ଭୁଆଁ ବୁଲାଇ ନିର୍ଭୟରେ ଟଙ୍କା ବ୍ୟାଗ୍ ଲୁଟି ଫେରାର୍ ହୋଇଯାଇଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଦେଖିବାକୁ ମିଳିଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୪।୯।୨୦୨୫, ଭାଦ୍ରବ ଦି୧୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩।୧୫୧ ଚନ୍ଦ୍ରୋଦୟ- ଦିଘ ୩।୪୦।୧୦**

**ଦ୍ୱାଦଶୀ-** ରାଘ ୪।୦୮ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ରାଘ ୧୧।୪୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୪।୦୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୭।୧୪ ମଧ୍ୟେ । ଦିଘ ୧୦।୩୨ ଗତେ ଘ ୧୨।୫୯ ମଧ୍ୟେ । **ପର୍ବୋତ୍ସବ-** ବାମନଜନ୍ମ, ଶୁଭ ସୁନିଆଁ, ଶ୍ରୀଗଜପତି ମହାରାଜାଙ୍କ ଅ୬୯ଙ୍କ ଓ ଉତ୍କଳୀୟ ୧୪୩୩ ଆରମ୍ଭ, ବୈଷ୍ଣବ ସମ୍ମତ ଏକାଦଶୀ, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ ।



**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ମନ ଭଲ ରହିବ ।



**ବୃଷ:** ଶରୀର ସୁସ୍ଥ ରହିବ । ପରିଶ୍ରମର ପରିମାଣ ବଢ଼ିବ । ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ । ହଠାତ୍ କୌଣସି ଖବରପାଇ ଚିନ୍ତିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ବନ୍ଧୁ ଦର୍ଶନ ।



**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତକଥା କହି ନିଜର ଲୋକଙ୍କ ପାଖେ ବିରୋଧି ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଦେଖାଦେଇପାରେ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଘରେ ଆନନ୍ଦ ଦେଖାଦେବ । ଭ୍ରମଣ ଯୋଗ ରହିଛି ।



**ତୁଳା:** ଦୂର ସ୍ଥାନକୁ ଯାତ୍ରା କରିବେ । ଗୁରୁଜନଙ୍କ ପରାମର୍ଶ କର୍ମ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ମନ ଭଲ ରହିବ । ଉତ୍ତମ ଭୋଜନ କରିପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି ।



**ମୀନ:** ମନ ପ୍ରସନ୍ନ ରହିବ । ନୂତନ କର୍ମ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପରିବାରରେ ସୁଖ ଶାନ୍ତି ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି ବିତିପାରେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୫।୯।୨୦୨୫, ଭାଦ୍ରବ ଦି୨୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୨।୦୪ ଚନ୍ଦ୍ରୋଦୟ- ଦିଘ ୪।୨୫।୦୮**

**ତ୍ରୟୋଦଶୀ-** ରାଘ ୩।୧୩ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ରାଘ ୧୧।୩୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୩।୧୩ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୬।୨୫ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୩୭ ମଧ୍ୟେ । **ପର୍ବୋତ୍ସବ-** ଗୁରୁଦିବସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ମହାପୁରୁଷ ମହମ୍ମଦ ଜୟନ୍ତୀ, ମିଲଦ୍-ଉନ୍-ନବି ।

# ଭାରତର ସାମୁଦ୍ରିକ ଦୃଷ୍ଟିକୋଣକୁ ସଶକ୍ତ କରିବା ଅଭିବୃଦ୍ଧିକୁ ଆଗେଇ ନେବା ଭବିଷ୍ୟତ ଗଠନ

SAGARMALA PORT-LED PROSPERITY | GOVERNMENT OF INDIA MINISTRY OF PORTS, SHIPPING AND WATERWAYS | INDIA SINGAPORE 60 YEARS OF DIPLOMATIC RELATIONS






Inauguration of

## JN Port - PSA Mumbai Terminal (BMCT) Phase II

by

**Shri Narendra Modi**
Hon'ble Prime Minister of India

&

**Shri Lawrence Wong**
Hon'ble Prime Minister of Singapore

ଭର୍ଚ୍ୟୁଆଲ୍ ମାଧ୍ୟମରେ ୪ ସେପ୍ଟେମ୍ବର, ଗୁରୁବାର ୨୦୨୫ ଦିନ ୧ଟା ସମୟ

### ମୁମ୍ବାଇ ଟର୍ମିନାଲର ପିଏସଏ ପ୍ରମୁଖ ହାଇଲାଇଟ୍ସ

ଭାରତର ସାମୁଦ୍ରିକ ଅଭିବୃଦ୍ଧିକୁ ଇନ୍ଧନ କରୁଥିବା ୪.୮ ଏମ୍ଏନ୍ ଟିଇୟୁସ୍‌କୁ ବର୍ଦ୍ଧିତ ପରିଚାଳନା କ୍ଷମତା ସହିତ ଜେଏନ୍‌ପିଟିକୁ ସଶକ୍ତ କରିବା

ଡିଏଫସି-ରେଡି ରେଳ ଲିଙ୍କ୍ ଲଜିଷ୍ଟିକ୍ସ ସମୟ ହ୍ରାସ କରୁଛି ଏବଂ ବାଣିଜ୍ୟ ଦକ୍ଷତାକୁ ତ୍ୱରାନ୍ୱିତ କରୁଛି

ଶିଳ୍ପ ଏବଂ ବ୍ୟବହାର କେନ୍ଦ୍ର ପର୍ଯ୍ୟନ୍ତ ଶେଷ ମାଇଲ ପହଞ୍ଚିବା ସୁନିଶ୍ଚିତ କରୁଥିବା ୬୩ଟି ଆଇସିଡିର ଆଞ୍ଚଳିକ ସମୃଦ୍ଧିକୁ ଆଗେଇ ନେଉଛି

ଭବିଷ୍ୟତ ପାଇଁ ପ୍ରସ୍ତୁତ ଲଜିଷ୍ଟିକ୍ସ ଇକୋସିଷ୍ଟମ ନିର୍ମାଣରେ ଗେଟୱେ ଟର୍ମିନାଲରେ ଦକ୍ଷ କର୍ମଚାରୀ, ଉତ୍ପାଦକତା ଏବଂ ସେବା ମାନଦଣ୍ଡ ବୃଦ୍ଧି

### ଭାରତ-ସିଙ୍ଗାପୁର : ଏକାଠି ଅଧିକ ଶକ୍ତିଶାଳୀ

- **ବାଣିଜ୍ୟ ବିସ୍ତାର:** ଏହା ଐତିହାସିକ ସହଯୋଗ ମାଧ୍ୟମରେ ଭାରତୀୟ ବ୍ୟବସାୟ ଏବଂ ରପ୍ତାନିକାରୀଙ୍କ ପାଇଁ ଅଧିକ କ୍ଷମତା ଏବଂ ଦ୍ରୁତ ଗତି କରିବ।
- **ନୂତନ ସୁଯୋଗ :** ଭାରତୀୟ ନାଗରିକଙ୍କ ପାଇଁ ନିଯୁକ୍ତି ସୃଷ୍ଟି, ଦକ୍ଷତା ନିର୍ମାଣ ଏବଂ ଆର୍ଥିକ ଅଭିବୃଦ୍ଧି କରିବ।
- **ବିଶ୍ୱସ୍ତରୀୟ ବିଶେଷଜ୍ଞତା :** ସିଙ୍ଗାପୁରର ନିବେଶ ଭାରତ ପାଇଁ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଏବଂ ଅତ୍ୟାଧୁନିକ ଲଜିଷ୍ଟିକ୍ସ ଆଣିଥାଏ।
- **ନିର୍ବିଘ୍ନ ଲଜିଷ୍ଟିକ୍ସ :** ଉନ୍ନତ ଡିଜିଟାଲ୍ ସିଷ୍ଟମ ଏବଂ ଆଧୁନିକ ଟର୍ମିନାଲ ଖର୍ଚ୍ଚ କମ୍ କରେ, ଯାହା ଭାରତକୁ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିଥାଏ।
- **ଦୃଢ଼ ସମ୍ପର୍କ :** ଏହି ସହଭାଗିତା ଭାରତ-ସିଙ୍ଗାପୁର ସମ୍ପର୍କକୁ ଆହୁରି ଘନିଷ୍ଠ କରେ ଏବଂ ଏହି କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ।

### ଜେଏନ୍‌ପିଏ ଏକ ମାଇଲଖୁଣ୍ଟ

**ସର୍ବାଧିକ ଏଫଡିଆଇ :** ସିଙ୍ଗାପୁର ସହିତ ପିପିପି ମାଧ୍ୟମରେ $୧.୩ ବିଲିୟନ

**ବିଶ୍ୱସ୍ତରୀୟ ସ୍ଥିତି :** ଶୀର୍ଷ ୩୦ଟି କଣ୍ଟେନର ପୋର୍ଟ ମଧ୍ୟରେ ସ୍ଥାନ

**ଦ୍ରୁତ, ଦକ୍ଷ ପୋର୍ଟ ଗୁଡ଼ିକ:** ବୃହତ୍ତମ କଣ୍ଟେନର ବନ୍ଦର, ଡିଏଫ୍‌ସି-ପ୍ରସ୍ତୁତ, ଡିପ୍-ଡ୍ରାଫ୍ଟ ବର୍ଥ

**ଏକ ତୃତୀୟାଂଶରୁ ଅଧିକ ହ୍ୟାଣ୍ଡେଲ୍ କରେ** ଭାରତର କଣ୍ଟେନର ବାଣିଜ୍ୟ

### In the august presence of

**Shri Sarbananda Sonowal**
Union Minister for Ports, Shipping and Waterways

**Shri Devendra Fadnavis**
Chief Minister, Maharashtra

**Shri Shantanu Thakur**
Union Minister of State for Ports, Shipping and Waterways

**Shri Shrirang Appa Barne**
Member of Parliament - Lok Sabha, Maval Constituency

**Shri Mahesh Baldi**
Member of Legislative Assembly, Uran Constituency

**Shri Unmesh Sharad Wagh**
Chairperson, JNPA & CMD, VPPL

**Shri Ong Kim Pong**
Group CEO, PSA International Pte Ltd

ଜେଏନ୍‌ପିଏ ଏବଂ ପିଏସ୍ଏ : ନବସୃଜନ ଏବଂ ଉତ୍କର୍ଷତା ସହିତ ଭାରତର ସାମୁଦ୍ରିକ ଭବିଷ୍ୟତକୁ ପୁନଃଆକାର ଦେବା ପାଇଁ ସହଭାଗିତା ଜରୁରୀ | LIVE STREAM ଡିଡି ନ୍ୟୁଜ ମାଧ୍ୟମରେ ସିଧା ପ୍ରସାରଣ ଦେଖନ୍ତୁ

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି । ମାଇଁ ଆର୍ କ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେସ୍ତୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
ଓଁ ଏକାକ୍ଷର
ତତ୍ତ୍ୱ 'ଅ'–
ଅନନ୍ତାୟ
ନମଃ

'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ
ରାମ ରାମ ହରେ ହରେ'

ମହାମନ୍ତ୍ର-ତତ୍ତ୍ୱର ବ୍ରହ୍ମ ତତ୍ତ୍ୱ ହେଉଛି ମୁକ୍ତି ତତ୍ତ୍ୱ

ହେ ବ୍ରହ୍ମ ମୋତେ   ମାୟାକଲ
ମାୟା ସଂସାରେ ଭ୍ରମାଇଲ (୧)
ସୃଷ୍ଟି କର୍ତ୍ତାଟି   ତୁମ୍ଭେ ମୋର
ତେଣୁଟି   ତୁମ୍ଭେ ମୋ ପିୟର (୨)
ଯୋଗ ତପସ୍ୟା   ନଜାଣଇ
ତୁମ୍ଭର ନାମ   ନଭଜଇ (୩)
କାହିଁକି ମୋତେ   ଦୟାକଲ
ସ୍ୱପନେ ଯୋଗ   ଶିକ୍ଷା ଦେଲ (୪)
କିପରି ଭାବେ   ମୁଁ ଗମିବି
କିପରି ସୃଷ୍ଟିକୁ   ପାଳିବି (୫)
କଳିରେ ନାମ   କି ଭଜିବି
ହେ ସୃଷ୍ଟି କର୍ତ୍ତା   କୁହ କିଛି (୬)
ଏ କଳି ଯୁଗ   ବିପରୀତ
ସୃଷ୍ଟି କର୍ତ୍ତାଟି   ଏକା ସତ୍ୟ (୭)
ଦର୍ଶନ ଦେଲ   ଯଦି ମୋତେ
କଳିର ତତ୍ତ୍ୱ   କୁଳ ମୋତେ (୮)
ଜଗତ ଯାକ   ଭ୍ରମି ଭ୍ରମି
ପାଇଲି ପିତା   ଅନ୍ତର୍ଯ୍ୟାମୀ (୯)
ଜଗତ ପିତା   ବୋଲାଇଲ
ପୁତ୍ରକୁ କେଉଁ   ଶିକ୍ଷା ଦେଲ (୧୦)
କହିବ ପ୍ରଭୁ   ବ୍ରହ୍ମଦେବ
ଅଭି ନ ଜାଣେ   ଅନ୍ୟ ଭାବ (୧୧)

(କ୍ରମଶଃ)

# ମଧ୍ୟସ୍ଥିଙ୍କୁ ଅପେକ୍ଷା


ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
୮୭୬୩୭୮୮୬୧୪

ପ୍ରତ୍ୟେକଟି କାର୍ଯ୍ୟ ପାଇଁ ଗୋଟିଏ ମାଧ୍ୟମ ଦରକାର ହୁଏ ଯାହା କାର୍ଯ୍ୟଟିକୁ ସହଜ କରିଥାଏ । ସଭାସମିତିରେ ସେମିତି ସଂଯୋଜକ ପରିଚାଳକ ଆଦିଙ୍କର ଆବଶ୍ୟକତା ଯେଉଁମାନେ କାର୍ଯ୍ୟକ୍ରମର ସାରମର୍ମକୁ ସାଧାରଣରେ ପହଞ୍ଚାଇ ପାରନ୍ତି । ଠିକ୍ ସେହିପରି ବିବାହ ପରି ସାମାଜିକ ଅନୁଷ୍ଠାନରେ ମଧ୍ୟସ୍ଥିଙ୍କର ଆବଶ୍ୟକତା। ସେମାନେ ଉଭୟ ପକ୍ଷର ଭଲ ଓ ମନ୍ଦକୁ ଗ୍ରହଣ କରି ବା ଗରଳ ରୂପେ ପିଇନେଇ ବିବାହ ପରି ପୂଣ୍ୟ କାର୍ଯ୍ୟଟିଏ ସଂପାଦନ କରିଥାଆନ୍ତି । ପଛରେ ମନୋମାଳିନ୍ୟ ହେଲେ ହୁଏତ ମଧ୍ୟସ୍ଥିର ଚଉଦପୁରୁଷ ସଂହାର ହୋଇଥାଏ । ହେଲେ ମଧ୍ୟସ୍ଥିଙ୍କର ସେଥିକି ଖାତିର ନଥାଏ। ପ୍ରଥମତଃ ଏଡେବଡ଼ ପବିତ୍ର କାର୍ଯ୍ୟ ଆଉ ଏକା ସାଙ୍ଗରେ ପକେଟ୍ ଗରମ । ପୁଣି ବିବାହ ସଫଳ ହେଲେ ସବୁଦିନ ପାଇଁ ଉପଯୁକ୍ତ ବନ୍ଧୁ ହେବାର ମାନମର୍ଯ୍ୟାଦା ଯାହାକି ଗୋଟିଏ ଗୁଳିରେ ତିନିଟା ଶିକାରା ଖାଲି ଛାତିକୁ ଟିକେ ପଥର କରିନେବା ଦରକାର ।

ଅବଶ୍ୟ ଏସବୁ ଆଗ ଯୁଗ କଥା । ଏବେ ବିବାହ ପାଇଁ ମଧ୍ୟସ୍ଥିଙ୍କ ଆବଶ୍ୟକତା ନାହିଁ କହିଲେ ଚଳେ । ଯଦି ବି ଦରକାର ହୁଏ କେବଳ ବିଧି ରକ୍ଷା ପାଇଁ । ଗୋଟିଏ ଦୃଷ୍ଟିରୁ ଭଲ ହେଲେ ବେପାରଟା ମାନ୍ଦା ହେବାରୁ ସେମାନେ ଚଳିବୁଲିକି କରୁଥିବା କାମରେ ଖାତିର କମିଯାଉଛି ଦେଖି ଅଫିସ୍ ଖୋଲି ବସିଲେଣି । ନିହାତି ଅପାରଗ କିମ୍ବା ବାସ୍ତବରେ ପିତାମାତାଙ୍କର ବାଧ୍ୟ ପୁତ୍ରକନ୍ୟାଗଣ ସେଇ ଅଫିସ୍‌ରୁ ହିଁ ଜୀବନସାଥୀ ପାଇବେ । ପୁଣି ଅନ୍‌ଲାଇନ୍ ସୁବିଧା ବି ଅଛି । ଖାଲି ମନର ମିଳନରେ ବାହାଘର ମଧ୍ୟ ଅନ୍‌ଲାଇନ୍‌ରେ ହୋଇପାରୁଛି । ତେଣିକି ଆଉ ସବୁ ପଛ ।

ଏଇ ମଧ୍ୟସ୍ଥି ହେବାର ବେପାରଟି ଧୀରେଧୀରେ ବିବାହ ଠାରୁ ଯାଇ ଅନ୍ୟାନ୍ୟ ବ୍ୟବସାୟରେ ମନ ଦେଲେଣି । ପ୍ରକୃତରେ ଯାହାକୁ ଯାହା ଦରକାର ଘରେ ବସି ପାଇବାର ଆନନ୍ଦ ଓ ସୁବିଧାର ଅନ୍ୟନାମ ମଧ୍ୟସ୍ଥି । ଏବେ ଦେଖନ୍ତୁ ଆପଣଙ୍କୁ ଘରଭଡା ଦରକାର ତେବେ To-Let Service ବାଲା ଘର ଖୋଜିଦେବେ । ଯେମିତିକା ଚାହିଁବେ ଆରାମରେ ମିଳିବ ଖାଲି ରେଜିଷ୍ଟ୍ରେସନ କରି କିଛି ପଇସା ଦେବେ । ପୁଣି ମନ ମୁତାବକ ଭଡାଘର ପାଇଲେ ମାସକର ଘରଭଡ଼ା ତାଙ୍କୁ ଧରାଇ ଦେବେ । ଚାକିରି ଦରକାର ହେଲେ ପଇସା ଦେବେ ମଧ୍ୟସ୍ଥି ପଇସା ନେଇ ସୁନ୍ଦର ଭାବରେ ବୁଝାଇଦେବେ ଯେ ତାଙ୍କଠାରୁ ହିତାକାଂକ୍ଷୀ ହୁଏତ ଆମର ଆଉ କେହି ନାହାନ୍ତି । ଚାକିରି ନହେଲେ ସେମାନେ ଆମ ପଇସା ରଖି କ'ଣ କରିବେ । ଯଦି ଚାକିରି ହୁଏ ମାସକର ଦରମା ନହେଲେ କିଛି ନିର୍ଦ୍ଦିଷ୍ଟ ପରିମାଣର ଅଙ୍କ ନେବେ । ପରୀକ୍ଷା ଖାତା ଧରି ମାର୍କ ବଢ଼ାଇନେବା ବହୁତ ପୁରୁଣା କଥା ସେଥିପାଇଁ ଏବେ ଅନେକ ଜଗିରଖି ବିଚାର କରି ପରୀକ୍ଷା କରାଯାଉଛି ତେବେ ଶେଷ ମୁହୂର୍ତ୍ତରେ ଭାଗ୍ୟ ହିଁ ପରୀକ୍ଷାଫଳ ନିର୍ଣ୍ଣୟ କରିଥାଏ । ଏବେ ଆସନ୍ତୁ ଜାଗାବାଡି, ଘର କିଣିବା । ଏଠି ତ ମଧ୍ୟସ୍ଥିଙ୍କ ଆବଶ୍ୟକତା ସର୍ବାଧିକ । କାରଣ ଭୂମିର ଆଜିପର୍ଯ୍ୟନ୍ତ ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ପାରିନାହିଁ । ମାଲିକଙ୍କର ଇଚ୍ଛା ଓ ଆବଶ୍ୟକତା ଅନୁଯାୟୀ ଦର ବୃଦ୍ଧି ହୋଇଥାଏ । ମନେକର ଜମି ଦେଖିଲା ବେଳକୁ ଯଦି ୫୦୦୦ ଟଙ୍କା ହୋଇଥାଏ ରାତି ବେଳକୁ ୮୦୦୦ ହଜାର, ପାହାନ୍ତା ବେଳକୁ ୧୦,୦୦୦, ଦିନେ ଦୁଇଦିନ ଗଡିଲା ପରେ ଆଉ ନ କହିବା ଭଲ । ଅବଶ୍ୟ ଗୋ, କନ୍ୟା, ଭୂମି ଏସବୁ ଭାଗ୍ୟରେ ଥିଲେ ମିଳେ । ଖାଲି ଠକାମି ନହେଲେ ହେଲା । ସେଇଥିପାଇଁ ତ ମଧ୍ୟସ୍ଥିଙ୍କର ହାତ ଧରି ବାଟ ଚାଲିବାକୁ ପଡେ । ତାଙ୍କ ପାଉଣାକୁ ବି ତ ଖିଆଲ ରଖିବାକୁ ପଡିବ ।

ଆଜିକାଲି ପୁରୁଣା ଜିନିଷ ବିକାକିଣା ପାଇଁ ମଧ୍ୟ ସଂସ୍ଥା ଅଛନ୍ତି । ଆରାମରେ ତୁମ ଜିନିଷ ବିକେଇଦେବେ ପୁଣି କିଣେଇ ନେବେ । କେବଳ କିଣିବା ପର୍ଯ୍ୟନ୍ତ ଭଲମନ୍ଦର ଦିଗଟିକୁ ଗ୍ରାହକ ନ ଜାଣିଲେ ଗଲା । ପିଲା ଜନ୍ମ ଠାରୁ ଆରମ୍ଭ କରି ଶ୍ମଶାନ ଜୁଇରେ ଜଳିବା ଯାଏ ବିଭିନ୍ନ ସଂସ୍ଥା ମାଧ୍ୟମରେ ମଧ୍ୟସ୍ଥିମାନେ କାମକୁ ସହଜ କରୁଛନ୍ତି। ବନ୍ଧୁବାନ୍ଧବ, ସାଇପଡିଶାଙ୍କର ନାକ ଗଳାକୁ ସହିବା ଅପେକ୍ଷା ବା ଏମିତି କହିଲେ ଠିକ୍ ହେବ କାହାରି ସାହାଯ୍ୟ ନ ନେଇ ପଇସା ବଳରେ ସବୁ କାର୍ଯ୍ୟ କରିନେବା ଶତେଗୁଣ ଭଲ । ଏହାର ଅନ୍ୟନାମ ନିର୍ଭରଶୀଳ ନହେବା ।

କିନ୍ତୁ ଉପରୋକ୍ତ କାର୍ଯ୍ୟଗୁଡିକ ପାଇଁ ମଧ୍ୟସ୍ଥିଙ୍କର ଗୁରୁତ୍ୱକୁ ବୁଝିନେବା ଆଧୁନିକତାର ପରିଚୟ ହୋଇପାରେ । ମାତ୍ର ନିଜକୁ ସମ୍ମାନିତ, ଗୌରବାନ୍ୱିତ କରି ମଞ୍ଚ ଉପରକୁ ଯାଇ ନିଜ ନାମଫଳକର କାଠପଟାକୁ ପାଇବାର ଲାଳସା ନିମିତ୍ତ ମଧ୍ୟସ୍ଥିର ପ୍ରୟୋଜନୀୟତାକୁ ହୃଦୟଙ୍ଗମ କରିବା ଟିକେ ଅସଂଗତ ମନେ ହେଉଛି ।

ଛୋଟମୋଟ କିଛି ଲେଖାଲେଖିର ଆରମ୍ଭରେ ସାହିତ୍ୟକୁ, ସମାଜକୁ, ମଣିଷକୁ ପୁଣି ଗଛଲତା, ବଣପାହାଡ ନଦନଦୀ ଆଉ ପଶୁପକ୍ଷୀ ମାନଙ୍କୁ ଭଲ ପାଇବା ଦେବାପାଇଁ ଇଚ୍ଛା ହେଲାବେଳେ ଉତ୍ସାହବୃଦ୍ଧି ନିମିତ୍ତ ସ୍ୱତଃପ୍ରବୃତ୍ତ ଭାବେ ଯଦି କେହି ସମ୍ମାନିତ କରେ ତେବେ ତାହା ନିଜର ପ୍ରାପ୍ୟ ବୋଲି ମନେହୁଏ । ମାତ୍ର ଗୌରବକୁ ଗୋଟାଇବା ପାଇଁ ପକେଟରୁ ପଇସା କାଢ଼ି ପ୍ରାଇଜ୍ ପାଇବାର ମାନସିକତା ପ୍ରକୃତ ଲେଖକ ଓ କବି ଜାତିର ସମ୍ମାନକୁ କ୍ଷୁର୍ଣ୍ଣ କରୁନାହିଁ କି ! ଏଠି ମଧ୍ୟସ୍ଥିଗଣ ନିଜ ପେଟ ପୂରାଇବା ପାଇଁ ସମ୍ମାନଲୋଭୀ ମଣିଷମାନଙ୍କର ଦୁର୍ବଳତାକୁ ଗ୍ରହଣ କରିନେଇଛନ୍ତି। ସେମାନେ ପଇସା ପାଇ ଖୁସି ଆଉ ପ୍ରାଇଜ୍ ଦିଆଇ ଖୁସି । ଯଦି କୌଣସି କାରଣରୁ ଏ ସମ୍ମାନଟା ନ ହୋଇ ପାରିଲା ପରବର୍ତ୍ତୀକୁ ଅପେକ୍ଷା। ଏବେ ତ ସବୁ କାମ ପାଇଁ ସେଇ ମଧ୍ୟସ୍ଥିଙ୍କୁ ହିଁ ଅପେକ୍ଷା ।

# ଶିକ୍ଷା ବ୍ୟବସ୍ଥାରେ ଆସୁନି ସୁଧାର


ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା। ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା। ଶିଶୁମାନଙ୍କୁ ଦେଶର ସର୍ବୋଚ ସମ୍ପତ୍ତି କୁହାଯାଏ। ପାଠପଢାରୁ ବଞ୍ଚିତ ଶିଶୁଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢ଼ିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ଏହା ସତ୍ତ୍ୱେ ଛାତ୍ରଛାତ୍ରୀ ମାନେ ଅଧାରୁ ପାଠ ପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି । ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ସେହପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି । ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ । ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ । ଏଥି ସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ । ଆହୁରି ମଧ୍ୟ ରାଜ୍ୟର ୯୦ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ । ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି । ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି ।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୁରଣ କରାଯାଇପାରିନାହିଁ । ଫଳ ସ୍ୱରୂପ, ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮% ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି । ୨୯.୩% ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାଁନ୍ତି । ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି । ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି।

ସେହିପରି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟମାନଙ୍କରେ ମଧ୍ୟ ଶିକ୍ଷକମାନଙ୍କ ମରୁଡି । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୫,୬୫୬ ଶିକ୍ଷକ ପଦବୀ ଖାଲିପଡିଛି । ସେହିପରି କେତେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାଁନ୍ତି । ସେଠାରେ ପ୍ରକ୍ସିରେ ଚାଲିଛି ପାଠପଢା ।ଏସବୁ କଥା ବିଚାରକୁ ନେଲେ ଶିକ୍ଷା କ୍ଷେତ୍ରରେ ଆମ ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ । ଏବେବି ସମୟ ଅଛି । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚ ଓ ମହାବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ। କାରଣ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ, ସେ ଦେଶର ମାନବ ସମ୍ବଳ ସେତେ ଦକ୍ଷ ତଥା ବିକଶିତ। ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୁର କରିବା ଏକାନ୍ତ ଅପରିହାର୍ଯ୍ୟ।

# ଶାଙ୍ଗ୍ରିଲା ଭ୍ୟାଲି ଓ ବରମୁଡା ଟ୍ରାଙ୍ଗେଲ୍ ରହସ୍ୟ


ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

କିଛି ଘଟଣା ବିଶ୍ୱାସ ନହେଲେ ବି ସତ । ଆମ ଚାରିପଟେ ଏଭଳି କିଛି ଜିନିଷ ଅଛି ଯାହା ଆମକୁ ଆଶ୍ଚର୍ଯ୍ୟ କରିଥାଏ । ହେଲେ ସବୁ କିଛି ଆମ ଜ୍ଞାତସାର ବାହାରେ । ବିଜ୍ଞାନ ଯୁଗରେ ନୂଆନୂଆ ଆବିଷ୍କାର ଆମକୁ ବିସ୍ମୟ କରି ଆସୁଛି । ବୈଜ୍ଞାନିକଙ୍କ ପାଖରେ ସବୁ ସମ୍ଭବକୁ ଅସମ୍ଭବ କରିବାର କ୍ଷମତା ରହିଛି । ତଥାପି ପ୍ରକୃତି ଭିତରେ ଏମିତି କିଛି ଘଟଣା ଘଟୁଛି ଯାହାକି ଭେଦ କରିବାକୁ ବୈଜ୍ଞାନିକ ବି ସଫଳ ହୋଇନାହାନ୍ତି। ଆମ ଚାରିପଟେ ଏମିତି ବହୁତ ରହସ୍ୟ ରହିଛ। ପ୍ରଥମ ଜାଣିବା ସମୁଦ୍ରରେ ଥିବା ଏପରି ଏକ ସ୍ଥାନ ବିଷୟରେ। ସମୁଦ୍ରରେ ଉତ୍ତର ଆଟଲାଣ୍ଟି ସାଗରର ପଶ୍ଚିମରେ ଅବସ୍ଥିତ ବରମୁଡା ଟ୍ରାଙ୍ଗେଲରେ ବହୁ ସଂଖ୍ୟାରେ ଉଡାଜାହାଜ ଓ ପାଣି ଜାହାଜ ଅଦୃଶ୍ୟ ହୋଇଯାଆନ୍ତି । ଏହି ରହସ୍ୟମୟୀ ଅଂଚଳର ଅବସ୍ଥିତି ପଛରେ ଅନେକ କାରଣ ଅଛି, ଯାହାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ଜଣାପଡି ନାହିଁ । ଠିକ୍ ସେହିପରି ମହାକାଶରେ ମଧ୍ୟ ଅଛି ଏହିପରି ତ୍ରିକୋଣ ସ୍ଥାନ। ସେଠି ମହାକାଶ ଯାନର କମ୍ପ୍ୟୁଟର ଓ ସାଟେଲାଇଟ ଓ ଅନ୍ୟାନ୍ୟ ଉପକରଣ କାମ କରିବା ବନ୍ଦ କରି ଦିଏ । ମହାକାଶର ଏହି ଅଞ୍ଚଳ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଏବଂ ବ୍ରାଜିଲ ଆକାଶର ଠିକ ଉପରେ ଅବସ୍ଥିତ । ଏହାକୁ ଦକ୍ଷିଣ ଅନୋମଲୀ କୁହାଯାଏ। ଯେତେଦୂର ସମ୍ଭବ ମହାକାଶ ଯାତ୍ରୀ ଏହି ଅଞ୍ଚଳରୁ ଦୂରେଇ ରହିବା ପାଇଁ ଚେଷ୍ଟା କରନ୍ତି ।

ଏବେ ଆସନ୍ତୁ ଜାଣିବା ପୃଥିବୀର ଥିବା ଏହିପରି ଏକ ରହସ୍ୟମୟ ସ୍ଥାନ ଯାହାର କାରଣ ବୈଜ୍ଞାନିକ ମାନେ ଖୋଜି ପାଉନାହାନ୍ତି। ଭାରତର ଅରୁଣାଚଳ ପ୍ରଦେଶ ଏବଂ ତିବ୍ବତ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯାହାକୁ ବିଶ୍ୱର ଦ୍ୱିତୀୟ 'ବରମୁଡା ଟ୍ରାଙ୍ଗେଲ୍' କୁହାଯାଏ. ଯାହାର ନାମ ଶାଙ୍ଗ୍ରିଲା ଭ୍ୟାଲି ଯାହାକି ଆଜି ଯାଏ ରହିଛି ରହସ୍ୟ ଘେରରେ। ଶାଙ୍ଗ୍ରିଲା ଉପତ୍ୟକା ଏପରି ଏକ ସ୍ଥାନ ଯାହାର ରହସ୍ୟ ଏପର୍ଯ୍ୟନ୍ତ ଜଣା ପଡିନାହିଁ । ଭାରତରେ ଏପରି ଅନେକ ସ୍ଥାନ ଅଛି ଯାହା ବିବିଧତାରେ ପରିପୂର୍ଣ୍ଣ ଯାହା ଅତ୍ୟନ୍ତ ରହସ୍ୟମୟ । ଯାହା ବିଷୟରେ ବିଜ୍ଞାନ ମଧ୍ୟ ସଠିକ୍ ଉତ୍ତର ଦେବାକୁ ସକ୍ଷମ ନୁହେଁ। ଏହା ବିଶ୍ୱର ଦ୍ୱିତୀୟ 'ବରମୁଡା ଟ୍ରାଙ୍ଗେଲ୍' ମଧ୍ୟ କୁହାଯାଏ। ଶାଙ୍ଗ୍ରିଲା ଭ୍ୟାଲି ଯାହାକି ଆଜି ଯାଏ ରହିଛି ରହସ୍ୟ ଘେରରେ । ଖାସ୍ କରି ତନ୍ତ୍ରମନ୍ତ୍ରରେ ଏହି ଘାଟୀ କଥା ଉଲ୍ଲେଖ କରାଯାଇଛି। ବରମୁଡା ଟ୍ରାଙ୍ଗେଲ୍ ଭଳି ଏହି ଘାଟୀକୁ ମଧ୍ୟ ଦୁନିଆର ସବୁଠାରୁ ରହସ୍ୟମୟ ସ୍ଥାନ ଭାବେ ଗଣାଯାଏ। କୁହାଯାଏ ଯେ ଏହି ଘାଟୀର ସମ୍ପର୍କ ଅନ୍ୟ ଲୋକ ବା ଭୂତଲୋକ ସହ ରହିଛି । ଏହି ଉପତ୍ୟକା ଅତ୍ୟନ୍ତ ବିପଜ୍ଜନକ, ଏଠାକୁ ଯିବା ପରେ କେହି ଫେରିବା ଅସମ୍ଭବ ମନେହୁଏ। ଭାରତର ଏହି ସ୍ଥାନ ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ରହସ୍ୟମୟ। ଏହି ଉପତ୍ୟକା ସହିତ ଜଡିତ ଅନେକ ଲୋକକଥା ଅଛି, ଯାହା ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି। କୁହାଯାଏ ଯେ ଏହି ଉପତ୍ୟକାରେ ସମୟ ବନ୍ଦ ହୋଇଯାଏ । ଯେଉଁଥିପାଇଁ ବିମାନ ମଧ୍ୟ ଏହା ଉପରେ ଉଡ଼ିପାରେ ନାହିଁ । ଆହୁରି ମଧ୍ୟ କୁଯାହାଏ ଯେ, ଯଦି ଜଣେ ବ୍ୟକ୍ତି ଭୁଲରେ ମଧ୍ୟ ଏଠାକୁ ଯାଆନ୍ତି, ତେବେ ତାଙ୍କ ଫେରିବା ଅସମ୍ଭବ ହୋଇଯାଏ । ତିବ୍ବତୀ ଭାଷାରେ ଲିଖିତ ପୁସ୍ତକ 'କାଳ ବିଜ୍ଞାନ'ରେ ମଧ୍ୟ ଏହି ଶାଙ୍ଗ୍ରିଲା ଭ୍ୟାଲି ବିଷୟରେ ବର୍ଣ୍ଣନା କରାଯାଇଛି । ପୁସ୍ତକରେ ଲିଖିତ ଅଛି ଯେ ଦୁନିଆର ପ୍ରତ୍ୟେକ ଜିନିଷ ସ୍ଥାନ ଓ ସମୟ ସହ ଅନୁବନ୍ଧିତ । କିନ୍ତୁ ଏହି ଘାଟୀରେ ସମୟ ବା କାଳର କୌଣସି ପ୍ରଭାବ ପଡ଼େ ନାହିଁ । ଏଠାରେ ପ୍ରାଣ, ମନର ବିଚାର ଶକ୍ତି, ଶାରୀରିକ କ୍ଷମତା ଏବଂ ମାନସିକ ଚେତନା ବହୁତ ଅଧିକ ବଢ଼ିଯାଏ । ଏହି ସ୍ଥାନକୁ ପୃଥିବୀର ଆଧ୍ୟାତ୍ମିକ କେନ୍ଦ୍ର ମଧ୍ୟ କୁହାଯାଏ । ତାନ୍ତ୍ରିକମାନେ ଏହି ସ୍ଥାନକୁ ତନ୍ତ୍ରସାଧନା କରିବାକୁ ଆସିଥାନ୍ତି । ଏଠାରେ କୌଣସି ଶବ୍ଦ ଶୁଭେ ନାହିଁ ବୋଲି କୁହାଯାଏ । ଅନେକ ବିଶେଷଜ୍ଞ ମଧ୍ୟ ଏହି ରହସ୍ୟମୟ ଉପତ୍ୟକାକୁ ଆମେରିକାର ପୂର୍ବ ଉପକୂଳରେ ଅବସ୍ଥିତ ବରମୁଡ଼ା ଟ୍ରାଇଙ୍ଗଲ ସହିତ ତୁଳନା କରନ୍ତି । ଶାଙ୍ଗ୍ରିଲା ଉପତ୍ୟକା ଯେପରି ପୃଥିବୀରେ ଏକ ରହସ୍ୟ ସ୍ଥାନ ଠିକ୍ ସେପରି ମହାକାଶରେ ମଧ୍ୟ ଏପରି କିଛି ସ୍ଥାନ ଯାହା ଆଶ୍ଚର୍ଯ୍ୟଜନକ ଆଉ ସେହି ସ୍ଥାନରେ ମଧ୍ୟ ଏହିଭଳି ଘଟଣା ଘଟେ। ମହାକାଶରେ ରେ ମଧ୍ୟ ଅଛି ଏକ ବରମୁଡା ଟ୍ରାଙ୍ଗେଲ୍, ଯେଉଁଠି କାମ କରିବା ବନ୍ଦ କରିଦିଏ ଅନ୍ତରୀକ୍ଷ ଉପକରଣ। ତେବେ ବର୍ତ୍ତମାନ ମହାକାଶରେ ପୁଣି ବରମୁଡା ଟ୍ରାଙ୍ଗେଲ ଭଳି ସ୍ଥାନ ଲୋକଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି । ଦ୍ୱିତୀୟ ଥର ଦକ୍ଷିଣ ଅନୋମଲୀ ଅତିକ୍ରମ କରିଥିବା ନାସାର ମହାକାଶ ଯାତ୍ରୀ ଟେରୀ ବଟସଙ୍କ କହିବାନୁସାରେ ପ୍ରଥମ ମହାକାଶ ମିଶନରେ ହିଁ ତାଙ୍କୁ ଏ ବିଷୟରେ ଜଣାପଡିଥିଲା । ଆଜିକାଲି ବ୍ୟକ୍ତିଗତ କମ୍ପାନୀ ଗୁଡିକ ମହାକାଶ ଯାନ ଉପରେ କାମ କରୁଥିବାରୁ , ଏଥିରୁ ବଂଚିବା ଜରୁରୀ ହୋଇପଡିଛି । ବୈଜ୍ଞାନିକଙ୍କ ଅନୁସାରେ, ସୂର୍ଯ୍ୟରୁ ଆସୁଥିବା ବିକିରଣକୁ ପୃଥିବୀର ଶକ୍ତିଶାଳୀ ଚାର୍ଜ କଣିକା ସ୍ତର ରୋକିବାରେ ସହାୟକ ହୁଏ । ଏହି ସ୍ତରରେ ସୂର୍ଯ୍ୟର ବିକିରଣ ଧକ୍କା ହୋଇ ମହାକାଶରେ ବିଚ୍ଛୁରିତ ହୋଇଯାଏ । ଯେହେତୁ ପୃଥିବୀ ଗୋଲ ନୁହେଁ ମେରୁ ଗୁଡିକରେ ଚେପଟା ଓ ମଝିରେ ମୋଟା, ସେଥିପାଇଁ ଚାର୍ଜ କଣିକା ସ୍ତର ମଧ୍ୟ ମେରୁ ଗୁଡିକର ପାଖକୁ ଆସି ପୃଥିବୀର ଅଧିକ ନିକଟତର ହୋଇଯାଏ । ତେଣୁ ଏହି ଇଲାକାରେ ବିକିରଣର ବେଶି ପ୍ରଭାବ ଦେଖାଯାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୪୯

## ଅର୍ଜୁନ ପାଶୁପତ ଲାଭକଲେ-୨



ହିମାଳୟରେ ପହଞ୍ଚି ସେ ଦେଖିଲେ ଜଣେ ଶବରକୁ । ଶବର ଜଣକ ତାଙ୍କ ସ୍ତ୍ରୀକୁ ସାଥିରେ ଧରି ଶିକାର ଉଦ୍ଦେଶ୍ୟରେ ବୁଲୁଥିଲେ ।

ପ୍ରକୃତରେ ସେ ଥିଲେ ଶବର ବେଶଧାରୀ ଶିବ ଓ ତାଙ୍କ ପତ୍ନୀ ଉମା ।

ଶିକାରର ପିଛା କରୁଥିବା ଶିବ ଦେଖିଲେ, ଗୋଟିଏ ବନ୍ୟ ବାରହା ଅର୍ଜୁନଙ୍କୁ ଆକ୍ରମଣ କରୁଛି । ଏବଂ ଅର୍ଜୁନ ତାଙ୍କ ଗାଣ୍ଡିବଧନୁରୁ ତୀର ମାରୁଛନ୍ତି । ଶବର ବେଶଧାରୀ ଶିବ ତାଙ୍କ ଧନୁ ପିନାକରୁ ସହସା ତୀର ମାରିଲେ ବାର୍‌ହାକୁ ।

ବାର୍‌ହା ମରିଗଲା ।

କାହା ତୀରରେ ମଲା ?

ଅର୍ଜୁନ ଜାଣିଥିଲେ ତାଙ୍କ ତୀର ପ୍ରଥମେ ବାର୍‌ହାର ଶରୀର ଭେଦକରିଛି । ସେ କହିଲେ ଶିବଙ୍କୁ ଲକ୍ଷ୍ୟକରି- ତୁମେ କିଏ ଶବର ? ସ୍ତ୍ରୀଙ୍କୁ ସାଥିରେ ଧରି ବନସ୍ତରେ ବୁଲୁଛ ଓ ମୋର ଶିକାରକୁ ଶରବିଦ୍ଧ କରିଛ ?

ଶିବ କହିଲେ- ମୁଁ ସେଇଆ ପଚାରୁଛି । ତୁମେ କିଏ ? ଏହି ଅରଣ୍ୟ ଆମ ଶବରମାନଙ୍କର । ତୁମେ ତ ଶବର ଭଳି ଦିଶୁନାହଁ । ଦିଶୁଛ ଜଣେ କ୍ଷତ୍ରିୟପରି । ଯଦି ଭାବୁଛ, ତୁମ ତୀର ବାର୍‌ହାକୁ ମାରିଛି, ତୁମେ ମୋ ସହ ଯୁଦ୍ଧକର ଓ ତୁମର ଅଧିକାର ସାବ୍ୟସ୍ତକର ।

ଅର୍ଜୁନ ସେଇଆ ଚାହୁଁଥିଲେ । କାଳ ବିଳମ୍ବ ନକରି ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ଏବଂ ଚାହୁଁ ଚାହୁଁ ଯୁଦ୍ଧ ଆରମ୍ଭ ହୋଇଗଲା ।

ଅର୍ଜୁନ ଖୁବ୍ ଶୀଘ୍ର ଜାଣିଗଲେ, ତାଙ୍କ ତୀର ଶବର ପାଖରେ କାମକରୁନାହିଁ । ଶବର ତାଙ୍କ ଶରାଘାତକୁ ସହଜରେ ଏଡେଇ ଯାଉଛି । ବର୍ତ୍ତମାନ୍ ଅର୍ଜୁନର ତୂଣୀରରେ ଆଉ ତୀର ନାହିଁ । ସେ ଗାଣ୍ଡିବ ଦ୍ୱାରା ଶବରକୁ ଆଘାତ କଲେ । ଅତି ସହଜରେ ଶବର ରୂପୀ ଶିବ, ଅର୍ଜୁନଙ୍କ ଗାଣ୍ଡିବକୁ ଛଡେଇନେଲେ ।

ଅର୍ଜୁନ ଅନ୍ୟ ଉପାୟ ନଦେଖି ଖଣ୍ଡା ବାହାରକରି ଶବରକୁ ଆକ୍ରମଣ କଲେ । ପୁଣି ସେଇ ଅବସ୍ଥା । ଅର୍ଜୁନଙ୍କ ଖଣ୍ଡା ଶବରର ପଥର ଭଳି ଶରୀରରେ ବାଜି ଖଣ୍ଡ ଖଣ୍ଡ ହୋଇଗଲା ।

ବର୍ତ୍ତମାନ ଅର୍ଜୁନ, ଶବରର ଅକ୍ତିଆର ମଧରେ ।

କିଏ ଏହି ଶବର ? ଅର୍ଜୁନ ନାଚାର ।

ବର୍ତ୍ତମାନ ଶିବ ଭରଷା । ଅର୍ଜୁନ ଶିବଙ୍କୁ ପ୍ରାର୍ଥନା କଲେ ।

ପ୍ରାର୍ଥନା କାଳରେ ସେ ଚିହ୍ନିଦେଲେ ପ୍ରକୃତରେ ଶବର କିଏ ! ସେ ଶିବଙ୍କ ପାଦ ତଳେ ପଡ଼ିଗଲେ ।

"ମୋତେ କ୍ଷମାକରନ୍ତୁ ଦେବ ! ମୁଁ ଚିହ୍ନିପାରିନଥିଲି ।"- ଭଙ୍ଗା ସ୍ୱରରେ ଅର୍ଜୁନ କହିଲେ ।

ଶିବ ହସିଲେ । କହିଲେ, "ମୁଁ କ୍ଷମାକଲି ।" ଅର୍ଜୁନଙ୍କ ଠାରୁ ଅପହୃତ ଗାଣ୍ଡିବ ଓ ଅନ୍ୟ ଅସ୍ତ୍ର ତାଙ୍କୁ ଫେରସ୍ତ ଦେଲେ ।

"ଏହି ପାଶୁପତ ଅସ୍ତ୍ର ବର୍ତ୍ତମାନ ନିଅ ।" - ଶିବ କହିଲେ ।

ଶିବଙ୍କର ପବିତ୍ର ସ୍ପର୍ଶରେ ଅର୍ଜୁନଙ୍କ ଶକ୍ତି ସହସ୍ରଗୁଣ ବୃଦ୍ଧି ପାଇଲା । "ତୁମେ ବର୍ତ୍ତମାନ ସ୍ୱର୍ଗକୁ ଯାଅ ଓ ଇନ୍ଦ୍ରଙ୍କୁ ସାକ୍ଷାତକର ।" ଉପଦେଶ ଦେଲେ ଶିବ । ଏବଂ ଅଦୃଶ୍ୟ ହୋଇଗଲେ ।

ମୁଁ ସତରେ ଶିବଙ୍କୁ ମୁହାଁମୁହିଁ ଭେଟିଛି ? ଏବଂ ତାଙ୍କର ଦୈବୀ ସ୍ପର୍ଶ ପାଇଛି ? ଏଇପରି ଅର୍ଜୁନ ଭାବୁଥିବା ବେଳେ, ଇନ୍ଦ୍ରଙ୍କର ସାରଥୀ ମାତଳି ସ୍ୱର୍ଗୀୟ ରଥ ସହ ସେଠାରେ ପହଞ୍ଚିଲେ ଓ ଅର୍ଜୁନଙ୍କୁ ରଥରେ ବସେଇ ଦେବଭୂମି ସ୍ୱର୍ଗକୁ ଚାଲିଗଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଆମ ପରମ୍ପରା

*ସୁରମା ମିଶ୍ର*

ପାଳନ ହେଉଛି ଗଣନାଥ ପୂଜା
ଆଉ ନୂଆଁଖାଇ ପର୍ବ
ଏ ପରବ ଆମ ପୂରୁବ ସଂସ୍କୃତି
ଇଏ ଆମର ଗରବ ॥
ବିଦ୍ୟାଳୟ ସବୁ ସାଜସଜା ହୋଇ
ଦିଶଇ କେଡେ ସୁନ୍ଦର
ଦେଖିଦେଲେ ଆଖି ଲାଖି ରହିଯାଏ
ପଲକ ନ ପଡେ ମୋର ॥
ଛାତ୍ରଛାତ୍ରୀ ମାନେ ଆନନ୍ଦ ମନରେ
କରନ୍ତି ଗଣେଶ ପୂଜା
ନୂଆ ପୋଷାକକୁ ସଜେଇ ପିନ୍ଧନ୍ତି
କରୁଥାନ୍ତି କେତେ ମଜା ॥
ନଡ଼ିଆ କଦଳୀ ସାଥେ ଭୋଗ ଥାଳି
ସଜାଡି ଲଗାନ୍ତି ଭୋଗ
ଭୋଗ ଖାଇସାରି ନାଚଗୀତ କରି
ପାଳନ୍ତି ଏହି ପରବ ॥
ତା' ପର ଦିନଟି ହୁଏ ନୂଆଁଖାଇ
ସଭିଙ୍କର ମନ ଖୁସି
ଏ ପର୍ବ ସରବେ ପାଳନ କରନ୍ତି
ବିଦେଶୁ ଘରକୁ ଆସି ॥
କେତେ ପିଠା ଖିରି ଭଜା ତରକାରୀ
ହେଉଥାଏ ଘରେଘରେ
ଜ୍ଞାତି ପରିଜନ ଏକାଠି ବସିଣ
ଖାଆନ୍ତି ଖୁସି ମନରେ ॥
ଛୋଟମାନେ ଯାଇ ବଡ଼ଙ୍କର ପଦେ
କରୁଥାଆନ୍ତି ଜୁହାର
ବଡ଼ଙ୍କ ଆଶିଷେ ସୁଖରେ କଟଇ
ସଭିଙ୍କ ସୁନା ସଂସାର ॥
ଏ ତ ଆମ ରୀତି, ଆମ ପରମ୍ପରା
ଭୁଲିବାନି କେବେ କେହି
ମାଆ ସମଲେଇ ସାହା ଭରସା ଲୋ
ଶାନ୍ତିରେ ରଖିବେ ସେହି ॥

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ହେ ଗୁରୁ

*ବେବୀଲତା ଶତପଥୀ*

ହେ ଗୁରୁ ତମେ ଅନ୍ତରର ସ୍ୱର
ତୁମେ ବ୍ରହ୍ମା । ତୁମେ ବିଷ୍ଣୁ
ତୁମେ ମହେଶ୍ୱର ।
ତୁମେ ନଥିଲେ ନଥାନ୍ତା ପାଠଶାଳା
ତୁମେ ନଥିଲେ ନଥାନ୍ତା କର୍ମଶାଳା
ତୁମେ ନଥିଲେ ନଥାନ୍ତା ଧର୍ମଶାଳା
ଅନ୍ଧାରରୁ ତୁମେ ନିଅ ଆଲୋକକୁ
ଅଜ୍ଞାନରୁ ପ୍ରଭୁ ନିଅ ଜ୍ଞାନକୁ
ତୁମେ ସତ୍ୟ, ତୁମେ ଶିବ ତୁମେ ସୁନ୍ଦର,
ହେ ଗୁରୁ-- ।
ଦିବସ ମହତ୍ତ୍ୱ ଜାଣିଛି ଜଗତ
ସର୍ବ ପଲ୍ଲୀ ପୂଜ୍ୟ ପୂଜାର ପ୍ରତୀକ
ନଥିଲେ କେବଳ ଦେଶ ଶାସନରେ
ସତ୍ୟ ନ୍ୟାୟ ତ୍ୟାଗ ପାଇଁ ଅଟନ୍ତି ପୂଜିତ
ଗୁରୁ ତ ନଥିଲେ ସବୁ ବିଫଳ
ଗୁରୁ ସିନା ସବୁ ଶୁଭର ଫଳ
ତୁମେ ଶକ୍ତି ତୁମେ ସାହସ
ତୁମେ ଚିର ଶାଶ୍ୱତ କରୁଣାକର
ହେ ଗୁରୁ ତୁମେ---- ।
ପିତା ମାତା ପରେ ଶିକ୍ଷକ ପ୍ରଥମ ଗୁରୁ
ଶିକ୍ଷା ଦିକ୍ଷା ସଂସ୍କାର ମିଳେ ଆରମ୍ଭରୁ
ସେ ଶିକ୍ଷକ ଯଦି ସାଜିବ ରାକ୍ଷସ
ଅବଶ୍ୟ ସୃଷ୍ଟି ଯେ ହେବ ବିନାଶ
ମୂଲ୍ୟବୋଧ ତା'ଙ୍କ ହେଉ ମୂଲ୍ୟାୟନ
ମହାନତାରେ ଏ ଜଗତ ହେଉ ମହାନ
ତୁମେ ଚିର ବନ୍ଦ୍ୟ ତୁମେ ଆରାଧ୍ୟ
ତୁମରି ପାଇଁ ଧନ୍ୟ ହେଉ ଏ ସଂସାର
ହେ ଗୁରୁ ତୁମେ ------- ॥

*ପଦ୍ମାଲୋକ, କଳିଙ୍ଗ ବିହାର, ଭୁବନେଶ୍ୱର*
*ମୋ-୬୩୭୨୯୯୯୫୯୦*

# ଗୁରୁ ଗୁଣ ସାଗର

*ଧ୍ରୁବ ଚରଣ ଘିବେଲା*

ସାରା ଦେଶରେ ସବୁ ସ୍କୁଲରେ
ସେପ୍ଟେମ୍ବର ପାଞ୍ଚରେ
ଗୁରୁ ଦିବସ ହୁଏ ପାଳିତ
ଆନନ୍ଦ ଉତ୍ସାହରେ ।
ଡଃ ରାଧାକୃଷ୍ଣନଙ୍କ ଜନମଦିନ
ସେ ମାସ ସେଇ ଦିନ
ତାଙ୍କ ଜନମ ଦିନ ପାଳନ
ତାଙ୍କୁ କରି ସ୍ମରଣ ।
ତାଙ୍କରି ଫଟୋ ଚିତ୍ର ରଖିକି
କରିଥାଉ ଜୁହାର
ଫଟୋଚିତ୍ରରେ ଚନ୍ଦନ ଟିପା
ଥୋଇ ମଥା ଉପର ।
ସ୍କୁଲର ସବୁ ଗୁରୁଙ୍କୁ ଦେଇ
ଫୁଲମାଳ ପିନ୍ଧାଇ
ଗୁରୁ ବନ୍ଦନା ସଭିଙ୍କ କରି
ଯଥା ସ୍ଥାନେ ବସାଇ ।
ଗୁରୁ ମହିମା ଗୁଣ ଗରିମା
ଗୁରୁ ଗୁଣ ସାଗର
ଗୁରୁ ଥାଆନ୍ତି ସଦା ସର୍ବଦା
ଜ୍ଞାନର ପାରାବାର ।
ତାଙ୍କ କରୁଣା ତାଙ୍କର ଦୟା
ଶିଷ୍ୟ ପାଇଁକି ଲୋଡ଼ା
ଯେତେ ବର୍ଣ୍ଣିଲେ ଗୁରୁ ମହିମା
ଲାଗଇ ଥୋଡ଼ା ଥୋଡ଼ା ।
ଗୁରୁଙ୍କ କୃପା ଲଭିଲେ ଶିଷ୍ୟ
ହୁଅନ୍ତି ଗରୀୟାନ
ସଫଳ ଗୁରୁ ସିଏ ହୁଅନ୍ତି
ନେଇକି ଶିଷ୍ୟ ସ୍ଥାନ ।
ଶିଷ୍ୟର ସ୍ଥାନେ ନିଜେ ସେ ରହି
ଲଭନ୍ତି ଜ୍ଞାନ ସୁଧା
ସେ ଗୁରୁ ପାଦ ପଦ୍ମରେ ଲୟ
ରଖି ନୁଆଁଉ ମଥା ।

*ବୌଦ୍ଧ, ବଉଦରାଜ-୭୬୨୦୧୪*
*ମୋ-୯୪୩୭୪୭୮୪୬୬*



# ଗୁରୁଙ୍କ ମାହାତ୍ମ୍ୟ

*ଜନ୍ମଜୟ ନାୟକ*

ହେ ଗୁରୁ ତୁମେ ଦ୍ୱିତୀୟ ଈଶ୍ୱର
ତୁମେ ହିଁ ପରମେଶ୍ୱର,
ତୁମ ପାଦ ପଦ୍ମେ ବନ୍ଦନା କରୁଛୁ
କରିଣ କୋଟି ଜୁହାର ।
ତୁମରି ମହିମା ଭୂମି ଠାରୁ ଭୂମା
ପାରିବୁ ନାହିଁ ବଖାଣି,
ଅଜ୍ଞାନ ଦୂରେଇ ବିଦ୍ୟାଦାନ କରି
ତୁମ ପାଶେ କଲ ଋଣୀ ।
ତୁମେ ପରା ବ୍ରହ୍ମା ତୁମେ ପରା ବିଷ୍ଣୁ
ତୁମେ ପରା ପିତାମାତା,
ତୁମ ଆଶିଷରେ ବାଧା ବିଘ୍ନ ନାଶି
ହୋଇବୁ ଜଗତଜିତା ।
ସେନେହ ସାଗର ଶ୍ରଦ୍ଧା ପାରାବାର
ସବୁଠୁଁ ପ୍ରିୟ ଆମରି,
ତୁମ ଉପଦେଶେ ଜୀବନ କଳସ
ଦିଅ ବାରେ ପୂର୍ଣ୍ଣ କରି ।
ଏକଲବ୍ୟ ବୀର ଗୁରୁ ଦ୍ରୋଣ ପାଇଁ
ବୃଦ୍ଧାଙ୍ଗୁଳି ଦେଲେ କାଟି,
ଶିଷ୍ୟ ଆରୁଣି ତ ଗୁରୁ ତୋଷ ପାଇଁ
ହିଡ ତଳେ ଗଲେ ଲୋଟି ।
ନନ୍ଦର ନନ୍ଦନ ବାସୁଦେବ ସୁତ
ଯମ ସଦନକୁ ଯାଇ,
ବଞ୍ଚାଇଲେ ପୁତ୍ର ସନ୍ଦୀପନିଙ୍କର
ଗୁରୁଦକ୍ଷିଣା ଶୁଝାଇ ।
ଆମ୍ଭେମାନେ ପରା ତାଙ୍କରି ଦାୟାଦ
ଭୁଲିବୁ ନାହିଁ ଏ କଥା,
ଭକ୍ତି ହୃଦେ ଭରି ଆନନ୍ଦ ଚିତ୍ତରେ
ଗୁରୁ ପାଦେ ରଖୁ ମଥା ।

*ଗଣିତ ଶିକ୍ଷକ, ଗୋପୀନାଥଜୀଉ*
*ସରକାରୀ ଉଚ୍ଚ ବିଦ୍ୟାଳୟ*
*ମୋ-୯୩୩୭୮୦୦୫୬୫*

# ଆମ ଗୁରୁ ଦିବସ

*ଜୟକୃଷ୍ଣ ସାହୁ*

ଗୁରୁ ଯେ ଅଟନ୍ତି ବ୍ରହ୍ମା ବିଷ୍ଣୁ ଆଉ
ମହେଶ୍ୱରଙ୍କ ସମାନ
ଏହି ଜଗତରେ ଆମ ପାଇଁ ଗୁରୁ
ସତରେ କେଡ଼େ ମହାନ ?
ତାଙ୍କ ପାଇଁ ଦିନଟିଏ,
ସେପ୍ଟେମ୍ବର ମାସ ପାଞ୍ଚ ତାରିଖଟି
ଭକତିରେ ପାଳିଥାଏ ।
ସାର୍ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ
ଜନ୍ମଦିନ ସ୍ମୃତି ନେଇ
ଗୁରୁ ଦିବସଟି ପାଳନ କରୁଛେ
ଆମେ ସବୁ ସାଥୀ ହୋଇ
ବିଦ୍ୟାଳୟେ ଆମେ ଯାଇ,
ଗୁରୁଦେବଙ୍କର ପାଦ ପୂଜି ସର୍ବେ
ଆଶିଷ ନେବାରେ ଭାଇ ।
ଗୁରୁ ପିତା ମାତା ଗୁରୁ ଶିକ୍ଷା ଦାତା
ଗୁରୁ ପରା ଦୀକ୍ଷା ଦାତା
ତାଙ୍କରି ଆଶିଷେ ମୁକ୍ତି ମିଳିଥାଏ
ସିଏ ଆମ ହର୍ତ୍ତାକର୍ତ୍ତା
ତାଙ୍କ ପାଦେ ଶିର ରଖି,
କର୍ତ୍ତବ୍ୟ ପଥରେ ଚାଲୁଥିଲେ ଦିନେ
ନିଶ୍ଚୟ ମିଳିବ ମୁକ୍ତି ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*



# ଗୁରୁ ହିଁ ପରମ ଈଶ୍ୱର

*ସୁଧାକର ରାଉତ*

ଗୁରୁ ଯେ ଦେଖାନ୍ତି ବାଟ
ଗଢନ୍ତି ସେ ଭଲ ଚାଟ ।
ଆମର ସପନ ଯେତେ
ହୁଏ ସତ ତାଙ୍କ ହାତେ ।
ତାଙ୍କ ସ୍ନେହ ସ୍ପର୍ଶ ପାଇ
ଜ୍ଞାନ ଚକ୍ଷୁ ଉଠେ ଚେଇଁ ।
ସଫଳତା ହାତେ ଦେଇ
ଥାଆନ୍ତି ସେ ଖୁସି ପାଇ ।
ବ୍ରହ୍ମା, ବିଷ୍ଣୁ, ଶିବ ସିଏ
ତାଙ୍କ ପରି ଅଛି କିଏ ।
ଥାଉ ଆମେ ଛୋଟ ବୀଜ
ସ୍ନେହ ଜଳ ଢ଼ାଳି ନିଜ ।
ମହାଦ୍ରୁମ ଦ୍ୟନ୍ତି କରି
ଆପଣା ସନ୍ତାନ ପରି ।
ମାଟି ପିଣ୍ଡୁଳାରୁ ମୂର୍ତ୍ତି
ଗଢି ସେ ଅର୍ଜନ୍ତି କୀର୍ତ୍ତି ।
କରି ସେ ଅଜସ୍ର ଶ୍ରମ
ପାଳିଥାନ୍ତି ନିଜ ଧର୍ମ ।
ଶିଷ୍ୟଟି ତାଙ୍କର ପ୍ରାଣ
ଜୀବନେ ସେ ତାଙ୍କ ଟାଣ ।
ତାଙ୍କ ଦାନ ଚିନ୍ତି ହୃଦେ
ନମିବା ତାଙ୍କର ପଦେ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ପାଳିବା ଆସ ଗୁରୁଦିବସ

*ଜୟନ୍ତ କୁମାର ମଲ୍ଲିକ*



ପାଳିବା ଆସ ଗୁରୁଦିବସ
ସଭିଏଁ ମିଳିମିଶି
ଗାଇବା ଆସ ଗୁରୁ ବନ୍ଦନା
ଗୁରୁଙ୍କ ପାଶେ ବସି,
ମନରେ ଭରି ଶ୍ରଦ୍ଧା ଭକତି
ହୋଇଣ ଶୁଦ୍ଧପୂତ
ପୂଜିବା ଆସ ଗୁରୁଙ୍କୁ ଆମେ
ଭାବିଣ ଦେବଦୂତ,
ସେ ଆମ ପିତା ସେ ଆମ ମାତା
ସେ ଆମ ବିଦ୍ୟାଦାତା
ତାଙ୍କ ଆଶିଷ ଲଭିଲେ ଆମେ
ହେବା ଜଗତ ଜିତା,
ସର୍ବପଲ୍ଲୀ ରାଧାକ୍ରିଷ୍ଣନ
ଥିଲେ ଯେ ଶ୍ରେଷ୍ଠ ଗୁରୁ
ତାଙ୍କ ଜନ୍ମଦିନରେ
ଗୁରୁଦିବସ ପାଳନ କରୁ,
ଥିଲେ ସେ ଜଣେ ଅଧ୍ୟାପକ
ଥିଲେବି ଦାର୍ଶନିକ
ପ୍ରଥମ ଉପ ରାଷ୍ଟ୍ରପତି ଭାବେ
ରଖିଥିଲେ ସେ ଟେକ,
ତାଙ୍କ ସମ୍ମାନ ରଖି ଅମ୍ଳାନ
ପାଳୁତ ଏହି ଦିବସ
ଆମ ଗୁରୁଙ୍କୁ ବରଣ କରି
ଲଭୁ ତାଙ୍କରି ଆଶିଷ ।

*ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ପିନ୍ -୭୫୫୦୦୬*

# ପାଳିବା ଆସ ଗୁରୁଦିବସ

*ପ୍ରଦୀପ୍ତ କୁମାର ଦାସ*

ପାଳିବା ଆସ ଗୁରୁଦିବସ
ହୋଇଣ ହସ ହସ-
ଦେବତା ସମ ଗୁରୁଙ୍କୁ ପୂଜି
ଲଭିବା ଆମେ ଯଶ,
ସରବପଲ୍ଲୀ ରାଧାକ୍ରିଷ୍ଣନ
ଥିଲେତ ଗୁରୁ ଜଣେ-
ଯାହାଙ୍କୁ ଆମ ମହାନ ଦେଶ
ସରବ ଶ୍ରେଷ୍ଠ ମଣେ,
ତାଙ୍କ ଜନମ ଦିନରେ ଆମେ
ଗୁରୁଙ୍କୁ ପୂଜି ଥାଉ-
ଅରପି ଦେଇ ଫୁଲ ଚନ୍ଦନ
ମହିମା ତାଙ୍କ ଗାଉ,
ତାପରେ ତାଙ୍କୁ ଖୁଆଇ ମିଠା
ଦେଉତ ଉପହାର-
ଶରଧାରେ ସେ ମଥା ଆଉଁସି
ଝରାନ୍ତି ଲୁହ ଧାର,
ଗୁରୁଦିବସ ଗୁରୁଛାତ୍ରଙ୍କୁ
ଏକାଠି କରିଥାଏ-
ମହତ ଭାବ ଝରାଇ ଦେଇ
ଦୂରକୁ ଫେରିଯାଏ ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର*

# ପୂଜିବା ଗୁରୁଙ୍କୁ ଆଜ

*ଗୋପୀନାଥ ଦାଶ*



ସେପ୍ଟେମ୍ବର ପାଞ୍ଚ ଗୁରୁ ଦିବସ
ପୂଜିବା ଗୁରୁଙ୍କୁ ଆଜ
ଶିକ୍ଷକ ଅଟନ୍ତି ସିଦ୍ଧି ମୁକତି
ଗୁରୁ ତମସାରେ ତେଜ ।
ଅଜ୍ଞାନକୁ ହରି ଜ୍ଞାନକୁ ପ୍ରକାଶି
ନୁଆଁ ପରିଚୟ ଦିଅନ୍ତି
ଶାନ୍ତ କୋମଳ ଚେହେରା ସିଏ ତ
ଆଦରେ ପାଠ ଶିଖାନ୍ତି ।
ବାଛ ବିଚାର କରନ୍ତିନି କେବେ
ନ ଥାଏ ତିଳେ ଅହଂକାର
ସଭିଙ୍କୁ ସଂସ୍କାର, ଶିକ୍ଷା ସେ ଦିଅନ୍ତି
ନାହିଁ ତାଙ୍କ ପଟାନ୍ତର ।
ସର୍ବପଲ୍ଲୀଙ୍କ ଜନମ ଦିନରେ ପାଳନ
ହୁଏ ଯେ ଏହି ଦିବସ
ଉପାଧ୍ୟାୟଙ୍କୁ ପିଲେ ଭକ୍ତିରେ ପୂଜନ୍ତି
ପାନ୍ତି ଅଶେଷ ଆଶିଷ ।
ଫୁଲ ଚନ୍ଦନରେ ବନ୍ଧାଇ ଦେବୁ ଯେ
ଧୂପ ଦୀପ ମିଷ୍ଟାନ୍ନ ଦେଇ
ଆଚାର୍ଯ୍ୟ ତୁମେ ବିଦ୍ୟା ଦିଅ ଢାଳି
ଗୁହାରି କରୁଁ ପାଦ ଛୁଇଁ ।

*ବରପାଲିପଡ଼ା, ବଲାଙ୍ଗିର*
*ମୋ-୬୩୭୧୮୦୫୦୭୦*

# ଗୁରୁ

*ଜଗଦୀଶ ସାହୁ*

ହାତରେ ଯାର ବାଜିନି ତାଙ୍କ
ଅମରି ଛାଟ
ସିଏ କି କେବେ ପାରିବ ହୋଇ
ଉତ୍ତମ ଚାଟ ।
କାନରେ ଯିଏ ଶୁଣିନି ତାଙ୍କ
ପାଟିର ଗାଳି
ଭବିଷ୍ୟ ତାର ଜୁଳୁଜୁଳିଆ
ଆଲୁଅ ଭଳି ।
ଅନୁଭବରେ ଆଣିନି ଯିଏ
ଭଲ ପାଇବା
ଅଧମ ଶିଷ୍ୟ ଭାବରେ ତାକୁ
ଆମେ ଗଣିବା ।
ସେବାରେ ଯିଏ ପାରିନି ଜିଣି
ମନ ତାଙ୍କର
କେମିତି ସିଏ ପାର ହୋଇବ
ଭବ ସାଗର ।
ତାଙ୍କ ଦୟାରୁ ଶିଷ୍ୟ ମନରୁ
ଅନ୍ଧାର ହଟେ
କୁସଂସ୍କାର ବିଲୋପ ହୋଇ
ଜ୍ଞାନ ପ୍ରକଟେ ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଗୁରୁ ହିଁ ସାକ୍ଷାତ ଈଶ୍ୱର

*ନଳିନୀ ଦାଶ*



ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ମହେଶ୍ୱର
ଜ୍ଞାନ ପାଣ୍ଡିତ୍ୟରେ ଅଗ୍ରଣୀ ତୁମେ ବିଶ୍ୱର
ଶିକ୍ଷାଳୟେ ବଳ ଗୁରୁ ତୁମେ ହିଁ ଶିଷ୍ୟର
ନିର୍ଭୟ ଅଭୟ ଶିଷ୍ୟ ଜୀବନ ପଥର ।
ତୁମ ହାତଗଢ଼ା କାରଖାନା ବିଦ୍ୟାଳୟ
ଜ୍ଞାନ ବାଣ୍ଟି ସାଜିଥାଅ ସୁରକ୍ଷା ବଳୟ
ସଂସାର ମଧ୍ୟରେ ଦେଇଥାଅ ପରିଚୟ
ସଂସ୍କାର ଦେଇ ଜୀବନ କର ସୁଖମୟ ।
ଗୁରୁଦେବ ତୁମେ ପୂଜାଯୋଗ୍ୟ ଏ ବିଶ୍ୱର
ତୁମେ ପରଂବ୍ରହ୍ମ ଗୁରୁ ସାକ୍ଷାତ ଈଶ୍ୱର
ଗୁରୁଙ୍କୁ କେବେରେ ଆମେ ନର ନମଣିବା
ତାଙ୍କ ପାଦ ଛୁଇଁ ଆମେ ପ୍ରଣାମ କରିବା ।
ଗୁରୁ ପାଦ ସେବି କାଳିଦାସ ଯେ ପଣ୍ଡିତ
ବିବେକାନନ୍ଦ ହୋଇଲେ ବିଶ୍ୱରେ ବିଦିତ
ଏକଲବ୍ୟ ଉପମନ୍ୟୁ ଆରୁଣିଙ୍କ କଥା
ଗୁରୁଭକ୍ତି ଶୁଣି ଆମ ନଇଁ ଯାଏ ମଥା ।
ଗୁରୁ ତୁମେ ଗରୀୟସୀ ପୃଥିବୀରେ ବଡ଼
ପଦ ସେବି ଶିଷ୍ୟଟିଏ ଜିଣିଯାଏ ଗଡ଼
ଗୁରୁ ମୁକ୍ତି ଶାନ୍ତି ଶକ୍ତି ପ୍ରଗତିର ପଥ
କୁପଥରୁ ନେଇ ସିଏ ଦେଖାନ୍ତି ସୁପଥ ।
ଗୁରୁଙ୍କର ତ୍ୟାଗ ବଳେ ହସଇ ସଂସାର
ଶିଷ୍ୟ ପାଇଁ ଖୋଲିଥାନ୍ତି ଜ୍ଞାନର ଭଣ୍ଡାର
ଅର୍ଜୁନ ଗୁରୁଙ୍କୁ ପୂଜି ହେଲେ ଶ୍ରେଷ୍ଠ ବୀର
ପୂଜା କର ଶିଷ୍ୟ ଗଣ ସେ ପରମେଶ୍ୱର ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



ପ୍ରତିଭା ମଞ୍ଜରୀ ଦେବୀ

# ମୋ କକା-ଗୋଟେ ମିଛ କୁହ-୧

## ଜଣେ ସ୍ୱାମୀଜୀଙ୍କ ଦ୍ୱାରା ବର୍ଣ୍ଣିତ

## ଓଡ଼ିଆ ଅନୁବାଦ: ପ୍ରତିଭା ମଞ୍ଜରୀ ଦେବୀ



ସେ ନୂଆ ନୂଆ ଖେଳ ଉଦ୍ଭାବନରେ ଅତ୍ୟନ୍ତ ନିପୁଣ ଏବଂ ସବୁବେଳେ ଜିତିବା ପାଇଁ ପୁରସ୍କାର ମଧ ଦିଅନ୍ତି । ଆମେ ଶିହରିତ ହେଲୁ ଯେତେବେଳେ କକା କହିଲେ, ''ଆଜି ଆମେ ଏହି ଖେଳ ଖେଳିବା ।''

ଦିନେ ବର୍ଷା ହେଉଥିଲା । ସାରାଦିନ ଆକାଶରୁ ମେଘ ଝରୁଥିଲା । ଚାରିଆଡେ ଖାଲି ପାଣି ଆଉ ପାଣି । ସବୁ ଓଦା ଓଦା ଲାଗୁଥିଲା, ଆମେ ବାହାରକୁ ଯାଇପାରୁନଥିଲୁ । ବିଦ୍ୟାଳୟରୁ ଫେରିବାବେଳେ ମଧ ଓଦା ହୋଇ ଫେରିଲୁ, ଏହି ସମୟରେ କକା ପହଞ୍ଚିଗଲେ । ତାଙ୍କର ସେହି ହସ ହସ ମୁହଁ ଆଉ ଦିପ୍ତିମାନ ଆଖିରେ ଘୋଷଣା କଲେ, ଆଜି ଆମେ ଏଇ ଖେଳଟି ଖେଳିବା । ଆମକୁ ନୂଆ ଜୀବନ ପାଇଲା ପରି ଲାଗିଲା । ଆମେ ଖୁସିରେ ଚିତ୍କାର କଲୁ, ଡେଇଁଲୁ ଏବଂ ଖେଳଟି ଖେଳିବା ପାଇଁ ଆଗ୍ରହର ସହିତ କହିଲୁ, ହଁ ନୂଆ ଖେଳଟି ଆମେ ଖେଳିବା । କକା ଆପଣ ବସନ୍ତୁ ଏବଂ ଆମକୁ ଖେଳ ବିଷୟରେ କୁହନ୍ତୁ ।

ଦଉଡିଆ ଖଟିଆ ଉପରେ କକା ଚକା ପକେଇ ବସି ପଡିଲେ ହସି ହସି । ଆମେ ସବୁ ମଧ ବସିଲୁ ତାଙ୍କୁ ଚାହିଁ । କିଛି ନୂଆ ଖେଳ କକା ନିଶ୍ଚେ ଚିନ୍ତା କରିଛନ୍ତି-ଏ କଥା ଆମେ ଜାଣିଥିଲୁ । କିଛି ସମୟ ପରେ କକା କହିଲେ, ଏ ବେ ସମସ୍ତେ ମନଦେଇ ଶୁଣ, ଆମେ ସବୁ ଦୁଇ ମିନିଟ ଚୁପ୍ ହୋଇ ବସିବା । ପ୍ରତ୍ୟେକ ଭାବିକରି ସବୁଠୁ ବଡ ମିଛ କହିବା ପାଇଁ ଚେଷ୍ଟା କରିବା, ବହୁତ ବଡ ମିଛ, ଯାହା ଅସମ୍ଭବ, ଯିଏ ସବୁଠୁ ବଡ ମିଛ କହିବ ସେ ଜତିବ ଏବଂ ପୁରସ୍କାର ପାଇବ, ଠିକ୍ ଅଛି ?

ଆମେ କଣ କରିବୁ ଜାଣିପାରୁ ନ ଥିଲୁ, କାରଣ ଆମ ମା' ଆମକୁ ମିଛ କହିବାକୁ ବାରଣ କରିଛନ୍ତି । ଏଠି କକା ଆମକୁ ମିଛ କହିବାର ଶିକ୍ଷା ଦେଉଛନ୍ତି, ତେଣୁ ଆମେ କହିଲୁ କିନ୍ତୁ ମା'ତ ମିଛ କହିବିକୁ ମନା କରିଛନ୍ତି, ଏବେ ଆମେ କେମିତି ମିଛ କହିବୁ ?

କକା ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ, କିନ୍ତୁ କଣ ପାଇଁ ? ମିଛ କାହିଁକି କହିବନି, ସେ କଥା କଣ ସେ କେବେ ତୁମକୁ ବୁଝାଇ କହିଛନ୍ତି ? ନାଇଁ, ଆମେ ସମସ୍ତେ ଏକ ସ୍ୱରରେ କହିଲୁ ।

ତେବେ ତୁମେ କୌଣସି କଥା ନ ବୁଝି ଗ୍ରହଣ କରିବା ପାଇଁ କଣ ଲଜ୍ଜାବୋଧ କରୁନ ? ଆମେ ସବୁ କଣ ମନୁଷ୍ୟ ନୁହଁ ? ଆମ ଭିତରେ କଣ ବୁଦ୍ଧି, ଜ୍ଞାନ ନାହିଁ, ନବୁଝି କୌଣସି କଥା ଗ୍ରହଣ କରିବା ଉଚିତ୍ ନୁହଁ । କାହିଁକି ମିଛ କହିବନି ତୁମେ ସେ ବିଷୟରେ କିଛି ଜାଣିନ, ତେଣୁ ତୁମେ ସବୁଠୁ ବଡ ମିଛ କହିବା ଉଚିତ୍ । ଯେଉଁମାନେ ସବୁଠୁ ବଡ ମିଛ କହି ପାରିବେ, ଆଜି ଏହି ଖେଳ ଦ୍ୱାରା ତାଙ୍କୁ ପୁରସ୍କାର ମିଳିବ ।

ଆମେସବୁ ଭାରି ଖୁସି ହୋଇଗଲୁ, ଆଜି ଆମେ ଏମିତି କିଛି କରିବୁ ଯାହାକି ଆମକୁ କରିବା ପାଇଁ ବାରଣ କରାଯାଇଛି । ଏଥିରେ ଥିବା ସ୍ୱଚ୍ଛନ୍ଦ ସ୍ୱାମୀ ଆମକୁ ଅଧିକ ଆନନ୍ଦ ପ୍ରଦାନ କଲା । ଆମେସବୁ ପ୍ରକୃତରେ ଭାରି ଖୁସି ଥିଲୁ । ଆମେସବୁ କକା ବସିଥିବା ଖଟିଆ ପାଖରେ ପଡିଥିବା ସତରଂଜି ଉପରେ ବସି ପଡିଲୁ । ସେ ତାଙ୍କ ଗଳା ସଫାକରି କହିଲେ, ଏବେ, ମୁଁ ତୁମକୁ ସବୁଠୁ ବଡ ମିଛ ବିଷୟରେ ଭାବିବା ପାଇଁ ଦୁଇ ମିନିଟ ସମୟ ଦେବି, ମୁଁ ମଧ ଗୋଟିଏ ବଡ ମିଛ କହିବି, ମନେରଖ, ସବୁଠୁ ବଡ ମିଛ, ଯେତେ ବଡ ମିଛ ସେତେ ବଡ ପୁରସ୍କାର ।

ଏହା ଶୁଣି ଆମେ ସବୁ ଚୁପ୍‌ଚାପ୍ ବସିଲୁ । ଆମେ ଏମିତି କିଛି ବଡ ମିଛ ଜାଣିଥିବାର ମନେ ହେଉ ନ ଥିଲା । ତା ଛଡା ଏଇ ମାତ୍ର ଦୁଇ ମିନିଟ୍ ସମୟ ବହୁତ କମ୍ ଥିଲା । ନିରବତା ଭଂଗକରି କକା କହିଲେ, ଏବେ ମୁଁ ତୁମକୁ ଗୋଟେ କଥା କହୁଛି, ଥରେ ତିନି ଜଣ ସାଂଗ ଗୋଟିଏ ପଡିଆ ପାଖଦେଇ ଯାଉଥିଲାବେଳେ ଗୋଟିଏ ଠେକୁଆ ପଡିଆ ଭିତରେ ଦଉଡି ଯାଉଥିବାର ଦେଖିଲେ, ସେ ତିନି ସାଂଗଙ୍କ ଭିତରୁ ଜେଣ ଅନ୍ଧ, ଜଣେ ମୁକ ଏବଂ ଜଣେ ଛୋଟା । ଅନ୍ଧ ଲୋକଟି ପ୍ରଥମେ ଠେକୁଆକୁ ଦେଖିଲା ଏବଂ ମୁକ ଲୋକଟି ପାଟି କଲା, ତାକୁ ଧର, ଧର ଏବଂ ଛୋଟା ଲୋକଟି ଠେକୁଆକୁ ଧରିବା ପାଇଁ ତା ପଛରେ ଗୋଡେଇ ତାକୁ ଧରି ପକାଇଲା । ସେମାନେ ତାକୁ ଯେତେବେଳେ ଘରକୁ ଆଣିଲେ ସେଇଟା ଠେକୁଆ ନଥିଲା, ଥିଲା ଗୋଟେ ବେଂଗ, ତେଣୁ ସେମାନେ ତାକୁ ଯତ୍ନରେ ତାଙ୍କ ବାକ୍ସରେ ରଖିଲେ ପରେ ସେମାନେ ତା ଠାରୁ ଚଢିବା ଶିଖିପାରିବେ ବୋଲି ।

ଆମେ ସବୁ ବଡ ପାଟିରେ ହସିଲୁ । କକା ଆଶ୍ଚର୍ଯ୍ୟ ଚକିତ ହୋଇ ଆମକୁ ଅନେଇଲେ, ଆରେ ଏଇଟା କଣ ଗୋଟେ ବଡ ମିଛ ନୁହଁ ? ତେବେ ଗୋପୁ ତୁମେ ମତେ ଏହାଠାରୁ ଆଉ ଗୋଟେ ଭଲ ମିଛ କୁହ । (କ୍ରମଶଃ...)

*ସହିଦ ନଗର, ଭୁବନେଶ୍ୱର*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ସେପ୍ଟେମ୍ବର, ଗୁରୁବାର, ୨୦୨୫


# ଲଣ୍ଡନରେ ଫିଟ୍‌ନେସ୍ ପରୀକ୍ଷା ଦେଲେ ବିରାଟ କୋହଲି

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ଅଧିକାଂଶ ଖେଳାଳି ବେଙ୍ଗାଲୁରୁରେ ଥିବା ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ୍ ପରୀକ୍ଷା ଦେଉଥିବା ବେଳେ ବିରାଟ କୋହଲି ଏକମାତ୍ର ସକ୍ରିୟ ଖେଳାଳି ଭାବେ ଲଣ୍ଡନରେ ଏହି ପରୀକ୍ଷା ଦେଇଛନ୍ତି, ଯେଉଁଠାରେ ସେ ବର୍ତ୍ତମାନ ପରିବାର ସହ ରହୁଛନ୍ତି।



ଏକ ରିପୋର୍ଟ ଅନୁସାରେ, କୋହଲି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଠାରୁ ବ୍ରିଟେନରେ ଫିଟ୍‌ନେସ୍ ପରୀକ୍ଷା ଦେବା ପାଇଁ ବିଶେଷ ଅନୁମତି ନେଇଥିଲେ। ଅନ୍ୟ ଖେଳାଳିମାନେ ବେଙ୍ଗାଲୁରୁରେ ଏହି ପରୀକ୍ଷା ଦେଇଥିବା ବେଳେ କୋହଲି ଲଣ୍ଡନରେ ଅନୁମୋଦିତ ତତ୍ତ୍ୱାବଧାନରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାକୁ ନେଇ ବିବାଦ ସୃଷ୍ଟି କରିପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ରୋହିତ ଶର୍ମା, ଶୁବମନ ଗିଲ, ମହମ୍ମଦ ସିରାଜ ପ୍ରମୁଖ ବେଙ୍ଗାଲୁରୁରେ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ, କୋହଲିଙ୍କ ପରୀକ୍ଷା ଲଣ୍ଡନରେ ହୋଇଛି। ବର୍ତ୍ତମାନର ସକ୍ରିୟ ଖେଳାଳିଙ୍କ ମଧ୍ୟରୁ ଅଧିକାଂଶ ଫିଟ୍‌ନେସ୍ ପରୀକ୍ଷା ଦେଇସାରିଛନ୍ତି କିନ୍ତୁ ଆଘାତ ବା ଅନୁପଲବ୍ଧତା ହେତୁ କିଛି ଖେଳାଳିଙ୍କ ପରୀକ୍ଷା ବାକି ରହିଛି।

୨୦୨୫ ଏସିଆ କପ ପାଇଁ ଭାରତୀୟ ଟି-୨୦ ଦଳ ଶୀଘ୍ର ସଂଯୁକ୍ତ ଆରବ ଏମିରେଟସ୍‌କୁ ଯିବ। କୋହଲି ଏହି ଟି-୨୦ ଫର୍ମାଟରୁ ଅବସର ନେଇଥିବା ହେତୁ ଏହି ଦଳରେ ସାମିଲ ନାହାନ୍ତି। ରିପୋର୍ଟ ଅନୁସାରେ, ଫିଟ୍‌ନେସ୍ ପରୀକ୍ଷା ଦେଇଥିବା ଖେଳାଳିଙ୍କ ମଧ୍ୟରେ ରୋହିତ ଶର୍ମା, ମହମ୍ମଦ ସିରାଜ, ଶୁବମନ ଗିଲ, ଜିତେଶ ଶର୍ମା, ପ୍ରସିଦ୍ଧ କୃଷ୍ଣ, ଋତୁରାଜ ଗାୟକ୍ୱାଡ, ରିଙ୍କୁ ସିଂ, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ, ମହମ୍ମଦ ଶାମୀ, ହାର୍ଦ୍ଦିକ ପାଣ୍ଡ୍ୟା ପ୍ରମୁଖ ଅଛନ୍ତି। ପରୀକ୍ଷାରେ ୟୋ-ୟୋ ସ୍କୋର ଓ ମୌଳିକ ଶାରୀରିକ ଶକ୍ତି ମୂଲ୍ୟାଙ୍କନ କରାଯାଇଛି। ଋଷଭ ପନ୍ତ ଓ ରବିନ୍ଦ୍ର ଜାଡେଜାଙ୍କ ପରୀକ୍ଷା ଏହି ମାସରେ ହେବ।

ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ କେ.ଏଲ. ରାହୁଲ, ଆକାଶ ଦୀପ, ନୀତିଶ କୁମାର ରେଡ୍ଡୀ, ଜାଡ଼େଜା ଓ ପନ୍ତଙ୍କ ପରୀକ୍ଷା ହେବ ବୋଲି ଜଣାପଡ଼ିଛି। କୋହଲି ଏକମାତ୍ର ଖେଳାଳି ଯାହାଙ୍କ ପରୀକ୍ଷା ଦେଶ ବାହାରେ ହୋଇଛି। ବିସିସିଆଇ ଅଧିକାରୀଙ୍କ କହିବା ଅନୁସାରେ, କୋହଲି ଏହି ଅନୁମତି ପାଇଁ ଅନୁରୋଧ କରିଥିଲେ, କିନ୍ତୁ ଅନ୍ୟ ଖେଳାଳିଙ୍କ ପାଇଁ ଏପରି ଛାଡ଼ପତ୍ର ମିଳିପାରିବ କି ନାହିଁ, ତାହା ସ୍ପଷ୍ଟ ନୁହେଁ।

ଦଳର ଦୀର୍ଘ ଆଘାତ ତାଲିକାକୁ ଦୃଷ୍ଟିରେ ରଖି ବିସିସିଆଇ ଓ ଦଳ ପରିଚାଳନା ଫିଟ୍‌ନେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ଦଳ ଚୟନ ପୂର୍ବରୁ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଫିଟ୍‌ନେସ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

# ଓଡିଆଇ ବିଶ୍ୱକପ୍ ଲାଗି ୧୫ଜଣିଆ ଟିମ୍ ଘୋଷଣା କଲା ସାଉଥ ଆଫ୍ରିକା

**ନୂଆଦିଲ୍ଲୀ**

ସାଉଥ ଆଫ୍ରିକା ଓ୍ୱାନଡେ ବିଶ୍ୱକପ ଲାଗି ୧୫ଜଣିଆ ସଦସ୍ୟ ଟିମର ଘୋଷଣା କରିଛି। ଆଇସିସି ମହିଳା ବିଶ୍ୱକପର ଆରମ୍ଭ ସେପ୍ଟେମ୍ବର ୩୦ରୁ ହେବାକୁ ଯାଉଛି। ଏଥର ବିଶ୍ୱକପର ନେତୃତ୍ୱ ଭାରତ କରୁଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଗୌହାଟୀରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ୨ ନଭେମ୍ବରରେ ଖେଳାଯିବ।

ବିଶ୍ୱକପ୍ ୨୦୨୫ରେ ସାଉଥ ଆଫ୍ରିକାର ଟିମ୍ ଲୋରା ବୋଲ୍‌ୱାଇଟଙ୍କ ଅଧିନାୟକତ୍ୱରେ ଖେଳିବାକୁ ଓହ୍ଲାଇବ। ଏହି ଟିମରେ ପୂର୍ବତନ ଅଧିନାୟକ ସୁନେ ଲୁସଙ୍କୁ ବି ସାମିଲ କରାଯାଇଛି। ଏହା ବ୍ୟତୀତ ମରିଜ୍ୟାନ କପ୍ପ, ତାଜମିନ ବ୍ରିଟ୍ସ ଏବଂ କ୍ଲୋ ଟାୟନ ଭଳି ଅନୁଭବୀ ଖେଳାଳିଙ୍କୁ ଟିମ୍‌ରେ ନିଆଯାଇଛି। ସାଉଥ ଆଫ୍ରିକା ଟିମ୍‌ର ପୂର୍ବତନ ଅଧିନାୟକ ଡେନ ବାନ ନିଏକେର୍କଙ୍କୁ ବିଶ୍ୱକପ୍ ଲାଗି ଟିମ୍‌ରେ ସାମିଲ କରାଯାଇନାହିଁ। ଏହି ଖେଳାଳି ନିଜର ଆହତ କାରଣରୁ କ୍ରିକେଟରୁ ସନ୍ନ୍ୟାସ ନେଇଯାଇଥିଲେ। କିନ୍ତୁ ଦିନିକିଆ ବିଶ୍ୱକପ ଲାଗି ଡେନ ବାନ ନିଏକେର୍କ ନିଜ ରିଟାୟରମେଣ୍ଟ ପୁଣି ଫେରେଇ ନେଇଛନ୍ତି। ଏହା ବ୍ୟତୀତ ବି ଖେଳାଳୀଙ୍କୁ ୧୫ ସଦସ୍ୟ ଟିମ୍‌ରେ ସ୍ଥାନ ମିଳିପାରିନାହିଁ।

ସାଉଥ ଆଫ୍ରିକା ଟିମ୍‌ର କୋଚ୍ ମଣ୍ଡଳା ମଶିମ୍ବୟୀ ଟିମ୍‌ର ଘୋଷଣା ପୂର୍ବରୁ ହିଁ ଏହା ସ୍ପଷ୍ଟ କରିଦେଇଥିଲେ କି ଡେନ ବାନ ନିଏକେର୍କଙ୍କୁ କେବଳ ସାଉଥ ଆଫ୍ରିକାର ଆଗାମୀ ସିରିଜରେ ହିଁ ସ୍ଥାନ ଦିଆଯିବ। ଏହା ସେତେବେଳେ ହେବ କି ସେ ଟିମ୍‌ରେ ସାମିଲ ହେବାକୁ ସବୁ କ୍ରାଇଟେରିୟା ପୂରା କରିବେ। ଟିମ୍ ଘୋଷଣା ପୂର୍ବରୁ ହିଁ ସ୍ପଷ୍ଟ ଥିଲା କି ଏହି ଖେଳାଳୀଙ୍କୁ ବିଶ୍ୱକପ ଲାଗି ସାଉଥ ଆଫ୍ରିକାର ସ୍କ୍ୱାର୍ଡ଼ରେ ସାମିଲ କରାଯିବ ନାହିଁ।

ସାଉଥ ଆଫ୍ରିକା ସ୍କ୍ୱାଡ୍ : ଲୋରା ବେଲ୍‌ୱାଇଟ (ଅଧିନାୟକ), ଅୟାବେଗା ଖାକା, କ୍ଲୋଟ୍ରାୟନ, ନଦିନ ଡି କ୍ଲାର୍କ, ମାରିଜ୍ୟାନ କପ, ତାଜମିନ ବ୍ରିଟ୍ସ, ସିନାଲୋ ଜାପ୍ତା, ନାନକୁଲୁଲେକେ ମ୍ଲାବା, ଏନେରୀ ଇର୍କସନ, ଏନେକେ ବଶ, ମସାବାତା କ୍ଲାସ, ସୁନେ ଲୁସ, କାରାବେ ମେସୋ, ତୁମି ସେଖୁଖୁନେ ଏବଂ ନୋଣ୍ଡୁମିସୋ ଶାଗାସେ।

# ସିଏସ୍‌କେକୁ ଫେରିଲେ ଏନ୍. ଶ୍ରୀନିବାସନ୍

**ନୂଆଦିଲ୍ଲୀ**

ବିସିସିଆଇର ପୂର୍ବତନ ସଭାପତି ଏନ୍. ଶ୍ରୀନିବାସନ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)ର ଚେୟାରମ୍ୟାନ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଏହା ଫ୍ରାଞ୍ଚାଇଜ୍ ପାଇଁ ଏକ ବରଦାନ ବୋଲି ସିଇଓ କାଶୀ



ବିଶ୍ୱନାଥନ୍ ବୁଧବାର କହିଛନ୍ତି। ୮୦ ବର୍ଷୀୟ ଶ୍ରୀନିବାସନ୍‌ଙ୍କୁ କିଛି ସପ୍ତାହ ତଳେ ବସିଥିବା ଚେନ୍ନାଇ ଫ୍ରାଞ୍ଚାଇଜ୍‌ର ବୋର୍ଡ ମିଟିଂରେ ଚେୟାରମ୍ୟାନ ନିଯୁକ୍ତ କରାଯାଇଥିଲା। 'ଶ୍ରୀନିବାସନ୍ ଫେରିବା ଆମ ପାଇଁ ଏକ ବରଦାନ ସଦୃଶ। ସେ ଆମ ଲାଗି ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ ରହିଛନ୍ତି। ସେ ସିଏସ୍‌କେକୁ ଫେରି ଆସିଥିବାରୁ ମୁଁ ବହୁତ ଖୁସି। ଅଧିକ ଟ୍ରାଭେଲ କରୁ ନ ଥିବାରୁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଆମେ ତାଙ୍କ ଯୋଗାଯୋଗରେ ରହିବୁ' ବୋଲି ବିଶ୍ୱନାଥନ୍ କହିଛନ୍ତି।

# ୟୁଏସ୍ ଓପନ : ୪ ବର୍ଷ ପରେ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟରରେ ଓସାକା



**ନ୍ୟୁୟର୍କ**

ଚଳିତ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଟପ୍ ସିଡ୍ ଜାନିକ ସିନରଙ୍କ ସମେତ ଫେଲିକ୍ସ ଅଗର-ଆଲିଆସେମ, ଲରେଞ୍ଜୋ ମୁସେଟ୍ଟି, ଇଗା ସ୍ୱିଟେକ, ନାଓମି ଓସାକା ପ୍ରମୁଖ ବିଜୟ ଜାରି ରଖି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଟାଇଟଲ ଦୌଡ଼ରୁ ଅନ୍ୟତମ ଟାଇଟଲ ଦାବିଦାର ତଥା ଘରୋଇ ଷ୍ଟାର୍ କୋକୋ ଗୌଫଙ୍କ ଅଭିଯାନ ଶେଷ ହୋଇଛି।

ମହିଳା ସିଙ୍ଗଲ୍ସ : ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ସ୍ୱିଟେକ ୬-୩, ୬-୧ ସେଟ୍‌ରେ ୧୩ତମ ସିଡ୍ ଏକତାରିନା ଆଲେକଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୬୪ ମିନିଟ୍ ଲାଗିଥିଲା। ଏହି ମ୍ୟାଚ୍‌ରେ ସେ ୫ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ। ସେ କ୍ୱାର୍ଟରରେ ଅଷ୍ଟମ ସିଡ୍ ଆମଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆନିସିମୋଭା ଚତୁର୍ଥ ରାଉଣ୍ଡରେ ୧୮ତମ ସିଡ୍ ବିଟ୍ରିଜ ହାଦାଦ ମାୟାଙ୍କୁ ୬-୦, ୬-୩ ସେଟ୍‌ରେ ହରାଇଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଆନିସିମୋଭାଙ୍କୁ ୭୫ ମିନିଟ୍ ଲାଗିଥିଲା।

୧୧ତମ ସିଡ୍ କାରୋଲିନା ମୁଚୋଭା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୨୭ତମ ସିଡ୍ ମାର୍ଟା କୋସ୍ତ୍ୟୁକଙ୍କୁ ୬-୩, ୬-୭(୦-୭), ୬-୩ ସେଟ୍‌ରେ ହରାଇଥିଲେ। ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୨ଘଣ୍ଟା ୫୩ ମିନିଟ୍ ଲାଗିଥିଲା। ସେ କ୍ୱାର୍ଟର ଫାଇନାଲ୍‌ରେ ନାଓମି ଓସାକାଙ୍କୁ ଭେଟିବେ। ୨୩ତମ ସିଡ୍ ଓସାକା ଚତୁର୍ଥ ରାଉଣ୍ଡରେ ତୃତୀୟ ସିଡ୍ କୋକୋ ଗୌଫଙ୍କୁ ୬-୩, ୬-୨ ସେଟ୍‌ରେ ହରାଇଥିଲେ। ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୬୪ ମିନିଟ୍ ଲାଗିଥିଲା। ୪ବର୍ଷ ପରେ ଓସାକା କୌଣସି ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୨୦୨୧ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିଅନ୍ ହେବା ପରଠୁ ସେ ତୃତୀୟ ରାଉଣ୍ଡରୁ ଉପରକୁ ଉଠି ପାରୁ ନଥିଲେ। ଆଜି ଗୌଫଙ୍କ ବିପକ୍ଷରେ ସେ ୪ଟି ବ୍ରେକ୍ ପଏଣ୍ଟ ହାସଲ କରିବା ଫଳରେ ବିଜୟ ସହଜ ହୋଇଥିଲା।

ପୁରୁଷ ସିଙ୍ଗଲ୍ସ : ଟପ ସିଡ୍ ଜାନିକ ସିନର ୬-୧, ୬-୧, ୬-୧ ସେଟ୍‌ରେ ୨୩ତମ ସିଡ୍ ଆଲେକଜାଣ୍ଡର ବବଲିକଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବା ପାଇଁ ତାଙ୍କୁ ୧ ଘଣ୍ଟା ୨୧ମିନିଟ୍ ଲାଗିଥିଲା। ସେ ୩ଟି ସେଟ୍‌ରେ ମୋଟ୍ ୮ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ। କ୍ୱାର୍ଟର ଫାଇନାଲ୍‌ରେ ସିନର ନିଜ ଦେଶର ଖେଳାଳି ଲରେଞ୍ଜୋ ମୁସେଟ୍ଟିଙ୍କୁ ଭେଟିବେ। ଦଶମ ସିଡ୍ ମୁସେଟ୍ଟି ୬-୩, ୬-୦, ୬-୧ ସେଟ୍‌ରେ ସ୍ପେନର ଜାଉମେ ମୁନାରଙ୍କୁ ହରାଇଥିଲେ। ତାଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ୧ଘଣ୍ଟା ୩୭ ମିନିଟ୍ ଲାଗିଥିଲା। ସେ ମଧ୍ୟ ୭ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ। ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିଆସେମ ୭-୫, ୬-୩, ୬-୪ ସେଟ୍‌ରେ ୧୫ତମ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଆଲିଆସେମଙ୍କୁ ୨ଘଣ୍ଟା ୧୬ ମିନିଟ ଲାଗିଥିଲା। ସେ କ୍ୱାର୍ଟରରେ ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ। ଅଷ୍ଟମ ସିଡ୍ ମିନାଉର ଚତୁର୍ଥ ରାଉଣ୍ଡରେ ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଡିଙ୍କୁ ୬-୩,୬-୨, ୬-୧ ସେଟ୍‌ରେ ହରାଇଥିଲେ। ମିନାଉରଙ୍କୁ ଏହି ମ୍ୟାଚ ଜିତିବା ପାଇଁ ୧ଘଣ୍ଟା ୩୩ ମିନିଟ୍ ଲାଗିଥିଲା।

# ରାଜ୍ୟ କ୍ରିକେଟ୍‌କୁ ଆଗକୁ ନେବାକୁ ସଂକଳ୍ପବଦ୍ଧ : ସାଇଦୀପ୍

**କଟକ**

ଓଡ଼ିଶା କ୍ରିକେଟ୍‌ର ତରୁଣ ପ୍ରତିଭାମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ସାଇଦୀପ୍ ମହାପାତ୍ର (ଅଗ୍ନି)। ସାତ ବର୍ଷ ବୟସରେ ଜୁଭେନାଇଲ୍ କ୍ରିକେଟ୍ କ୍ଲବ୍‌ରେ ବ୍ୟାଟ୍ ଧରିବା ଶିଖିଥିବା ସାଇଦୀପ୍ ଏବେ ରାଜ୍ୟ ଜୁନିୟର ଦଳ ଆଗ ଧାଡ଼ିର ବ୍ୟାଟର। ଏବେ ସାଇଦୀପ୍‌ଙ୍କ ପ୍ରତିଭା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରତିଫଳିତ ହେଉଛି। ଉଭୟ ବ୍ୟାଟିଂ ଓ ବୋଲିଂକୁ ସମତାଳରେ ଧରି ଚାଲିଛନ୍ତି ସେ। କୌଶଳ, ଦକ୍ଷତା ସହ ମାନସିକ ସ୍ଥିରତା ଓ କଠିନ ଅଭ୍ୟାସ ପାଇଁ ସାଇଦୀପ୍ ବିଦ୍ୟାଳୟସ୍ତରରୁ ବଢ଼ି ଏବେ ରାଜ୍ୟ ଜୁନିୟର ଦଳରେ ନିଜର ସ୍ଥାନ ସଂରକ୍ଷିତ କରିଛନ୍ତି। ଆଗକୁ ରାଜ୍ୟ ସିନିୟର ଦଳରେ ରହି ଓଡ଼ିଶା କ୍ରିକେଟକୁ ଉଚ୍ଚସ୍ତରକୁ ଆଗକୁ ନେବାକୁ ସ୍ୱପ୍ନ ଦେଖିଛନ୍ତି ଆଉ ସଂକଳ୍ପ ନେଇଛନ୍ତି ସେ।

ସାଇଦୀପ୍ ସିଡିଏ ଡିଏଭିରେ ପଢୁଥିବା ବେଳେ ସ୍କୁଲ ଟିମ୍ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍କୁଲ ପକ୍ଷରୁ ତାଙ୍କୁ ଏକ ବାଇକ୍ ଉପହାର ଦିଆଯାଇଥିଲା। ଏହା ପରେ ଆଉ ସେ ପଛକୁ ଚାହିଁନାହାନ୍ତି। ୨୦୨୪-୨୫ରେ କର୍ଣ୍ଣେଲ



ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ହେଉ ଅବା ବୁଚି ବାବୁ ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ ହେଉ, ସବୁ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ଆଶାନୁରୂପ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସାଇଦୀପ୍ ଚଳିତ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିର ୭ଟି ମ୍ୟାଚ୍‌ରେ ୧୨ଟି ଇନିଂସରୁ ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହିତ ୪୦.୦୯ ହାରାହାରିରେ ମୋଟ ୪୪୧ରନ୍ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂରେ ସେ ୧୧ଟି ଓ୍ୱିକେଟ୍ ନେଇଛନ୍ତି। ଉତ୍ତରାଖଣ୍ଡ ବିପକ୍ଷରେ ସେ ଶତକ (୧୧୯) ଏବଂ ମହାରାଷ୍ଟ୍ର (୪୦), କେରଳ (୬୪) କର୍ଣ୍ଣାଟକ (୫୫), ତ୍ରିପୁରା (୪୩, ୪୬) ବିପକ୍ଷରେ ପ୍ରଭାବୀ ପାଳି ଖେଳିଥିଲେ।

ସେହିପରି ୨୦୨୪-୨୫ ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍ ଟ୍ରଫି ଦିନିକିଆ କ୍ରିକେଟ୍‌ରେ ସାଇଦୀପ ସଫଳତା ପାଇଥିଲେ। ସାଇଦୀପ୍ ଓଡ଼ିଶା ସିନିୟର ଦଳ ପ୍ରଶିକ୍ଷଣ ଶିବିରରେ ସ୍ଥାନ ପାଇଛନ୍ତି। ଓଡ଼ିଶା ସିନିୟର ଦଳ ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ପ୍ରଶିକ୍ଷଣ ଶିବିର କରିବା ପରେ ଏବେ ବୁଚି ବାବୁ ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ ପ୍ରତିଯୋଗିତା ଖେଳିବା ସୁଯୋଗ ପାଇଛନ୍ତି। ସାଇଦୀପ୍ ଏବେ ମଧୁସୂଦନ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଗ୍ରହଣ କରୁଛନ୍ତି। ବାପା ଆଇନଜୀବୀ ପ୍ରଦୀପ ମହାପାତ୍ର ଓ ମା' ମମତାମୟୀ ମହାପାତ୍ରଙ୍କ ପ୍ରେରଣାରେ ଆଗକୁ ବଢ଼ିଥିବା ସାଇଦୀପ୍ ଏବେ ଓଡ଼ିଶା ସିନିୟର ଦଳକୁ ଯିବାକୁ ଆଶା ରଖିଛନ୍ତି। ସିନିୟର ଦଳ ପକ୍ଷରୁ ବିଭିନ୍ନ ଆମନ୍ତ୍ରଣୀୟ ପ୍ରତିଯୋଗିତା ଲାଗି ମନୋନୀତ ହେବା ପରେ ଏବେ ସାଇଦୀପ ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇବା ନେଇ ଆଶା କରାଯାଉଛି।

# ଜାତୀୟ କ୍ରୀଡ଼ା ସମ୍ମିଳନୀରେ ଯୋଗ ଦେବେ କଳାହାଣ୍ଡିର ସୁନା ଝିଅ ସାନଭିପ୍ରଜ୍ଞା



**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ମହିଳା କ୍ରିକେଟ ସମ୍ମିଳନୀରେ ଯୋଗ ଦେବାପାଇଁ ମନୋନୀତ ହୋଇଛନ୍ତି କଳାହାଣ୍ଡିର ସୁନା ଝିଅ ସାନଭିପ୍ରଜ୍ଞା ରାଉତ (ମାହୀ)। ଏହି ଖବର ଜଣାପଡ଼ିବା ପରେ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲାର କୋକସରା ବ୍ଲକ ଖପରାମାଲ ଗ୍ରାମେ ତଥା ଡହଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ମୋହିତ କୁମାର ରାଉତ ଓ ଜିଲ୍ଲା ଯାଦବ ମହିଳା ସଭାନେତ୍ରୀ ରଶ୍ମିରେଖା ରାଉତ ଯାଦବଙ୍କ ଝିଅ ହେଉଛନ୍ତି ସାନଭିପ୍ରଜ୍ଞା। ସେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର ଟିମ୍‌ରେ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ସାନଭିପ୍ରଜ୍ଞା ଧମଣ୍ଡ କେନ୍ଦ୍ରୀୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଆସନ୍ତା ଅକ୍ଟୋବର ମାସ ୭ ରୁ ୧୧ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କ୍ରୀଡ଼ା ସମ୍ମିଳନୀରେ ୧୭ ବର୍ଷରୁ କମ୍ ବୟସ ମହିଳା କ୍ରିକେଟର ଭାବେ ଅଂଶଗ୍ରହଣ କରିବେ। ଏହି ସଫଳତାକୁ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ୮ ମାସରେ ଅବସର ନେଲେଣି ୮ ଜଣ ଭାରତୀୟ କ୍ରିକେଟର

**ନୂଆଦିଲ୍ଲୀ**

ଭାରତୀୟ ଦଳ ବର୍ତ୍ତମାନ ପରିବର୍ତ୍ତନର ଏକ ପର୍ଯ୍ୟାୟରେ ଅଛି, ବର୍ଷ ବର୍ଷ ଧରି ବରିଷ୍ଠ ଖେଳାଳିମାନେ ଯେଉଁ ଦାୟିତ୍ୱ ତୁଲାଇ ଆସୁଥିଲେ ତାହା ଏବେ ଯୁବ ଖେଳାଳିଙ୍କ ହାତରେ ନ୍ୟସ୍ତ କରାଯାଉଛି। ଟେଷ୍ଟ କ୍ରିକେଟ ହେଉ କି ଟି-୨୦, ବର୍ତ୍ତମାନ ଅଧିକାଂଶ ଖେଳାଳି ଏପରି ଖେଳୁଛନ୍ତି, ଯେଉଁମାନେ ଭବିଷ୍ୟତରେ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଖେଳିପାରିବେ। ଗତ ୮ ମାସ ମଧ୍ୟରେ ୮ ଜଣ ଭାରତୀୟ କ୍ରିକେଟର ଅବସର ନେଇଛନ୍ତି, ସେମାନଙ୍କ ମଧ୍ୟରୁ କିଛିଙ୍କୁ ହୃଦୟରୁ ଅବସର ନେବାକୁ ପଡ଼ିଥିଲା ଏବଂ କିଛିଙ୍କୁ ବାଧ୍ୟ କରାଯାଇଥିଲା। ଏହି ବର୍ଷ ଅବସର ନେଇଥିବା ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ରହିଛନ୍ତି।

ରୋହିତ ଶର୍ମା : ରୋହିତ ଶର୍ମା ୨୦୨୪ ଟି-୨୦ ବିଶ୍ୱକପ ଜିତିବା ପରେ ହିଁ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରୁ ଅବସର ନେଇଥିଲେ। ଚଳିତ ବର୍ଷ ୭ ମଇରେ ସେ ଟେଷ୍ଟ କ୍ରିକେଟ୍‌ରୁ ମଧ୍ୟ ତାଙ୍କର ଅବସର ଘୋଷଣା କରିଥିଲେ। ବିଶ୍ୱାସ କରାଯାଏ ଯେ, ରୋହିତଙ୍କୁ ମ୍ୟାନେଜମେଣ୍ଟର ଚାପରେ ଟେଷ୍ଟରୁ ଅବସର ନେବାକୁ ପଡିଥିଲା, ସେ ଦୀର୍ଘ ସମୟ ଧରି ଟେଷ୍ଟରେ ବଡ଼ ସ୍କୋର କରିପାରି ନ ଥିଲେ। ରୋହିତ ୬୭ ଟେଷ୍ଟରେ ୪୦.୫୭ ହାରରେ ୪୩୦୧ ରନ କରିଥିଲେ, ଯେଉଁଥିରେ ୧୨ ଶତକ ଏବଂ ୧୮ ଅର୍ଦ୍ଧଶତକ ସାମିଲ ଥିଲା।

ବିରାଟ କୋହଲି : ରୋହିତ ଶର୍ମାଙ୍କ ସହ ୨୦୨୪ରେ ଟି୨୦ ବିଶ୍ୱକପ ଜିତିବା ପରେ ବିରାଟ କୋହଲି ମଧ୍ୟ ଟି୨୦ରୁ ଅବସର ନେଇଥିଲେ, ସେ ରୋହିତଙ୍କ ସହ ଟେଷ୍ଟରୁ ମଧ୍ୟ ଅବସର ନେଇଥିଲେ। ରୋହିତଙ୍କ ଘୋଷଣାର ୫ ଦିନ ପରେ, ୧୨ ମଇ ୨୦୨୫ରେ, ବିରାଟ କୋହଲି ମଧ୍ୟ ଟେଷ୍ଟକୁ



ବିଦାୟ ଦେଇଥିଲେ। ବିଶ୍ୱାସ କରାଯାଏ ଯେ ବିସିସିଆଇ ତାଙ୍କୁ ଇଂଲଣ୍ଡରେ ଶେଷ ଟେଷ୍ଟ ସିରିଜ ଖେଳିବାକୁ କହିଥିଲେ, କିନ୍ତୁ କୋହଲି ତା' ପୂର୍ବରୁ ଅବସର ନେଇଥିଲେ। କୋହଲି ୧୨୩ ଟେଷ୍ଟରେ ପ୍ରାୟ ୪୭ ହାରରେ ୯୨୩୦ ରନ କରିଥିଲେ, ଯେଉଁଥିରେ ୩୦ ଶତକ ଏବଂ ୩୧ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ।

ଆର ଅଶ୍ୱିନ : ଅଶ୍ୱିନ ୧୮ ଡିସେମ୍ବର ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଗାବା ଟେଷ୍ଟ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଶ୍ୱିନ ଏହା ଘୋଷଣା କରିଥିଲେ। ତାଙ୍କ ଅବସରର କାରଣ ମଧ୍ୟ ବିଦେଶୀ ଗସ୍ତରେ ଲଗାତାର ଚୟନ ନ ହେବା ଥିଲା। ସେ କହିଥିଲେ ଯେ ସେ ଏବେ ପରିବାରକୁ ଅଧିକ ସମୟ ଦେବାକୁ ଚାହାନ୍ତି। ଅଶ୍ୱିନ ୧୦୬ ଟେଷ୍ଟରେ ୫୩୭ ଓ୍ୱିକେଟ ନେଇଛନ୍ତି ଏବଂ ୩୫୦୩ ରନ କରିଛନ୍ତି। ସେ ୧୧୬ ଦିନିକିଆ ଏବଂ ୬୫ ଟି୨୦ ମ୍ୟାଚ୍ ଖେଳିଛନ୍ତି।

ଚେତେଶ୍ୱର ପୂଜାରା : ସଦ୍ୟତମ ଅବସର ନେଇଥିବା ଭାରତୀୟ ଖେଳାଳି ହେଉଛନ୍ତି ଚେତେଶ୍ୱର ପୂଜାରା, ଯାହାଙ୍କୁ ବହୁତ ଦିନ ଧରି ଅଣଦେଖା କରାଯାଉଥିଲା। ପୂଜାରା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ସେ ପ୍ରାୟ ୪୪ ହାରରେ ୧୦୩ ଟେଷ୍ଟରେ ୭୧୯୫ ରନ କରିଛନ୍ତି। ସେ ଟେଷ୍ଟରେ ୧୯ ଶତକ ଏବଂ ୩୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ପୂଜାରା ୫ଟି ଦିନିକିଆ ମଧ୍ୟ ଖେଳିଛନ୍ତି।

ଋଦ୍ଧିମାନ ସାହା : ଋଦ୍ଧିମାନ ସାହା ଚଳିତ ବର୍ଷ ଫେବୃୟାରୀରେ ତାଙ୍କର ଶେଷ ଘରୋଇ ମ୍ୟାଚ୍ ଖେଳିଥିଲେ, ଏହା ପୂର୍ବରୁ ସେ ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୪୦ ବର୍ଷୀୟ ସାହା ଭାରତ ପାଇଁ ୪୦ ଟେଷ୍ଟ ଖେଳିଥିଲେ, ଯେଉଁଥିରେ ସେ ୫୬ ଇନିଂସରେ ୧୩୫୩ ରନ କରିଥିଲେ। ଏହା ବ୍ୟତୀତ ସେ ୯ଟି ଦିନିକିଆ ମଧ୍ୟ ଖେଳିଥିଲେ।

ପୀୟୁଷ ଚାଓ୍ୱଲା : ପିୟୁଷ ଚାଓ୍ୱଲା ଜୁନ ୨୦୨୫ରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଚାଓ୍ୱଲା ଏହି ବର୍ଷ ଆଇପିଏଲରେ ମଧ୍ୟ ବିକ୍ରି ହୋଇ ନ ଥିଲେ। ୩୬ ବର୍ଷୀୟ ଚାଓ୍ୱଲା ଭାରତ ପାଇଁ ୩ ଟେଷ୍ଟ, ୨୫ ଦିନିକିଆ ଏବଂ ୭ ଟି୨୦ ଅନ୍ତର୍ଜାତୀୟ ଖେଳିଥିଲେ।

ଏହି ୨ ଜଣ ଭାରତୀୟ ଖେଳାଳି ମଧ୍ୟ ୨୦୨୫ ମସିହାରେ ଅବସର ନେଇଥିଲେ। ୩୭ ବର୍ଷ ବୟସ୍କ ବରୁଣ ଆରୋନ ଚଳିତ ବର୍ଷ ଜାନୁଆରୀ ମାସରେ ସମସ୍ତ ପ୍ରକାରର କ୍ରିକେଟ ଫର୍ମାଟରୁ ଅବସର ନେଇଥିଲେ। ସେ ଭାରତ ପାଇଁ ୯ଟି ଟେଷ୍ଟ ଏବଂ ୯ଟି ଦିନିକିଆ ଖେଳିଥିଲେ, ଯେଉଁଥିରେ ତାଙ୍କର ଯଥାକ୍ରମେ ୧୮ ଏବଂ ୧୧ଟି ଉଇକେଟ ରହିଛି। ଋଷି ଧାଓ୍ୱନ ଏହି ବର୍ଷ ସୀମିତ ଓଭର କ୍ରିକେଟରୁ ଅବସର ନେଇଥିଲେ, ସେ ୨୦୧୬ ମସିହାରେ ଭାରତ ପାଇଁ ୩ଟି ଦିନିକିଆ ଏବଂ ୧ଟି ଟି୨୦ ମ୍ୟାଚ୍ ଖେଳିଥିଲେ।

# ତାଲୁଙ୍ଗା-ଛୋଟରାୟପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଦୀର୍ଘ ଦିନର ମୁଖ୍ୟ ସମସ୍ୟା ନେଇ ଦାବି ହୋଇ ଆସୁଥିଲା ରାସ୍ତା। ଯେଉଁ ଦାବିକୁ ପୂରଣ କରିବାକୁ ବିଧାୟକ ଆକାଶ ଦାସନାୟକ ଅଣ୍ଟା ଭିଡ଼ିଛନ୍ତି। ତେବେ ବିଧାୟକ ଗୋଟିଏ ପରେ ଗୋଟିଏ କାର୍ଯ୍ୟକୁ କରିଚାଲିଥିବା ବେଳେ ପୁଣି ଆଉପାଦେ ଆଗକୁ ବଢ଼ିଛନ୍ତି। ସୂଚନା ମୁତାବକ ଜହ୍ନା ପଞ୍ଚାୟତର ତାଲୁଙ୍ଗା ଛକଠାରୁ ଛୋଟରାୟପୁର ପର୍ଯ୍ୟନ୍ତ ଆର.ଡ଼ି ରାସ୍ତାର ନୂତନ ଭାବେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି କୋରେଇ ବିଧାୟକ ଆକାଶ ଦାସନାୟକ। ତେବେ ଆଖପାଖ ୮ଟି ଗ୍ରାମ ଓ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଦୀର୍ଘଦିନରୁ ବହୁ ସମସ୍ୟାରେ ରହିଥିଲା, ଯାହାକୁ ନେଇ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି ହୋଇଆସିଥିଲା। ତାହା କୋରାଇ ବିଧାୟକ ଆକାଶ ଦାସନାୟକ କରି ଦେଖାଇଛନ୍ତି ବୋଲି କହନ୍ତି ଜହ୍ନା ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ସାହୁ। ତେବେ ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ସମସ୍ୟା ଉପୁଜୁଥିବା ସମସ୍ତ ରାସ୍ତାର କାର୍ଯ୍ୟକୁ ଶତପ୍ରତିଶତ ନିର୍ମାଣ କରାଯିବ ବୋଲି ବିଧାୟକ ଶ୍ରୀ ଦାସନାୟକ ପ୍ରତିଶୃତି ଦେଇଛନ୍ତି। ଅନ୍ୟପଟେ ବିଧାୟକଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଥିବାବେଳେ ଖୁବ୍ ପ୍ରଶଂସା ମଧ୍ୟ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ବିଜେପି ମହିଳା ଓ ପୁରୁଷ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# କୋଦଳା କଲେଜକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଖୁବ୍‌ଶୀଘ୍ର : ଜିଲ୍ଲାପାଳ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ। ଦୁଇଟି କଲେଜ ଗୋଟିଏ ଜାଗାରେ। ଆବଶ୍ୟକୀୟ ଭିତ୍ତିଭୂମି ସମେତ ସୁନ୍ଦର ପରିବେଶରେ ଗଢ଼ିଉଠିଛି ଦୁଇ ମହାବିଦ୍ୟାଳୟ କିନ୍ତୁ କୋଦଳା ବସ୍‌ଷ୍ଟାଣ୍ଡ ଠାରୁ କଲେଜ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତା। ଦୁଇ କଲେଜରେ ସମସ୍ତ ବିଭାଗ ରହିଛି, ପାସ୍ ହାର୍ ବହୁତ ଭଲ ସ୍ନାତକ ମହାବିଦ୍ୟାଳୟକୁ 'ନାକ ଏ' ମାନ୍ୟତା। କେବଳ ବେଗୁନିଆପଡ଼ା ବ୍ଲକ, କୋଦଳା ଏନ୍‌ଏସି ନୁହଁ ବହୁ ଦୂର ଦୁରାନ୍ତରୁ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୩୬୦ ଛାତ୍ରଛାତ୍ରୀ ଏବଂ ସ୍ନାତକ ମହାବିଦ୍ୟାଳୟକୁ ୭୫୬ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି ଦୁଇ ଶିକ୍ଷାନୁଷ୍ଠାନକୁ ଅଧିକାଂଶ ଛାତ୍ରଛାତ୍ରୀ ନିଜ ନିଜ ଗ୍ରାମରୁ ବସ୍ ଯୋଗେ କୋଦଳାରେ ପହଞ୍ଚି ଚାଲିଚାଲି କଲେଜ ଆସନ୍ତି। ସେତେବେଳକୁ ଗୋଟିଏ କ୍ଲାସ୍ କରିବା ମଧ୍ୟ ସମ୍ଭବ ପର ହେଉନାହିଁ ଏବଂ ଅଧିକା ନିସ୍ତବ୍ଧ ରାସ୍ତା ଏବଂ ବସ୍ ଯାତାୟାତର ସମୟ ଚାଲିଯିବ ଭାବି ଛାତ୍ରଛାତ୍ରୀମାନେ ଶେଷ କ୍ଲାସ୍ ପର୍ଯ୍ୟନ୍ତ ରହିପାରୁ ନାହାନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଛାତ୍ରଛାତ୍ରୀ ବହୁ ଥର



ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ୧୨/୦୭/୨୦୨୫ରେ ଜିଲ୍ଲାପାଳ ମହୋଦୟଙ୍କୁ ଦରଖାସ୍ତ ପ୍ରଦାନ କରିଥିବା ଜଣାପଡ଼ିଛି। ତତ୍‌ସହିତ କଲେଜ ପର୍ଯ୍ୟନ୍ତ ବସ୍ ଚଳାଚଳ କରିବା ନିମନ୍ତେ କୋଦଳା ଏନଏସି ଉପାଧକ୍ଷା ରଞ୍ଜିତା ସେଠୀ ୦୨/୦୬/୨୦୨୫ ଏବଂ ୦୫/୦୮/୨୦୨୫ରେ ଜିଲ୍ଲାପାଳଙ୍କୁ ଅନୁରୋଧ ପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି। ସୋମବାର ବେଗୁନିଆପଡ଼ା ବ୍ଲକ ପରିସରରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଶତାଧିକ ଛାତ୍ରଛାତ୍ରୀ ପହଞ୍ଚି ନିଜର ଅନୁରୋଧ ଲିଖିତ ଦରଖାସ୍ତ ପତ୍ର ପ୍ରଦାନ କରି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ ଏବଂ ଜିଲ୍ଲାପାଳ କୋଦଳା ତହସିଲଦାରଙ୍କ ସହିତ ଆଲୋଚନା କରି ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପାଚିକା ସହାୟିକା ସଂଘ ପକ୍ଷରୁ ୧୧ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାନେତ୍ରୀ ସୁହାନା ବେଗମଙ୍କ ନେତୃତ୍ୱରେ ଏହି ଦାବିପତ୍ରରେ ମଧ୍ୟାହ୍ନ ଭୋଜନର ମୂଲ୍ୟକୁ ବୃଦ୍ଧି କରାଯାଇ ୨୫ ଟଙ୍କା କରାଯାଉ, ପାଚିକାମାନଙ୍କୁ ପ୍ରତ୍ୟେକ ମାସର ଦରମା ପ୍ରଥମ ସପ୍ତାହରେ ପ୍ରଦାନ କରାଯାଉ, ୧୦ ମାସ ପରିବର୍ତ୍ତେ ୧୨ ମାସର ପରିଶ୍ରମିକ ପ୍ରଦାନ, ପାଚିକା ମୃତ୍ୟୁ ବରଣ କଲେ ତାଙ୍କ ପରିବାରକୁ ସର୍ବନିମ୍ନ ୫ ଲକ୍ଷ ଟଙ୍କା ପ୍ରଦାନ, ସମସ୍ତ ପାଚିକାମାନଙ୍କର ବୀମା କରାଯାଉ, ଶିଶୁ ବାଟିକା ଶ୍ରେଣୀ ମଧ୍ୟ ଆରମ୍ଭ ହୋଇ ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଛି, ଏହାପାଇଁ ତୁରନ୍ତ ପାଚିକା ବଢାଯାଉ ଆଦି ଦାବିଗୁଡିକ ରହିଛ। ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ରମଣୀ ରଂଜନ ରାଉତରାୟ, ସଂପାଦିକା ଶୋଭାଗିନୀ ପତି, କାର୍ଯ୍ୟକାରୀ ସଭାପତି ଗଜେନ୍ଦ୍ରନାଥ ନାୟକ, ମାଳବୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଗଣତନ୍ତ୍ର ଶାସନରେ ସାଧାରଣ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଯାଜପୁର, ନ୍ୟୁଜ୍**

ଗଣତନ୍ତ୍ର ହେଉଛି ଶ୍ରେଷ୍ଠ ଶାସନ। ଏ କ୍ଷେତ୍ରରେ ସାଧାରଣଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନେତାଙ୍କ ବ୍ୟକ୍ତିତ୍ୱ, ଚରିତ୍ର, ତ୍ୟାଗ, ଆଦର୍ଶକୁ ସାଧାରଣଜନତା ଗଭୀରତାର ସହ ଅନୁଧ୍ୟାନ କରି ମତଦାନ କଲେ ଗଣତନ୍ତ୍ର ସଫଳ ହେବ ବୋଲି ବହୁ ବିଶିଷ୍ଟ ବକ୍ତା ମତ ପ୍ରକାଶ କରିଛନ୍ତି। ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ପରିସରରେ ଇଂ ଉନ୍ମେଶ ଶେଖର ସାମଲ (ରିକୁ)ଙ୍କ ନବମ ବାର୍ଷିକ ଶ୍ରାଦ୍ଧ ଅବସରରେ ରିକୁ ମେମୋରିଆଲ ଟ୍ରଷ୍ଟ ତରଫରୁ ରିକୁ ସ୍ମାରକୀ ବକ୍ତୃତା ସଭା ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ସମାଜସେବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାଣ୍ଡିତ୍ୟ



ଅର୍ଜନ କରିଥିବା ବ୍ୟକ୍ତିମାନେ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜି କହିଥିଲେ ଯେ, ଅଙ୍ଗୀକାରବଦ୍ଧତା, ଯତ୍ନଶୀଳତା, ସ୍ନେହବାଣ୍ଟିବାର ମନୋବୃତ୍ତି ଏବଂ ଆତ୍ମତ୍ୟାଗ ଦ୍ୱାରା ଜଣେ ସାଧାରଣ ମଣିଷ ଅସାଧାରଣ ମଣିଷ ହୋଇପାରିବ। ବିଶିଷ୍ଟ କଥାକାର ତଥା ଶିକ୍ଷାବିତ ରାମଚନ୍ଦ୍ର ବେହେରା କହିଥିଲେ ଯେ, ବିଷାଦ ଓ ଦୁଃଖ ଭିତରେ ବି ଆନନ୍ଦ ରହିଛି। ଏହି ଆନନ୍ଦକୁ ଛାଡିଦେଲେ ମଣିଷର ସବୁକିଛି ଆପେ ଆପେ ମୃତ୍ୟୁ ହୋଇଯାଏ। 'ମୁଁ ପାରିବି' ଦୁଇଟି ଶବ୍ଦ ମଣିଷକୁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ। ଅଧ୍ୟାପକ ନୀରଞ୍ଜନ ପାତ୍ର ଅଧ୍ୟକ୍ଷତାକରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବି.ଜେ.ପି ନେତା ପବିତ୍ର ଦାସ, ବିଦ୍ୟୁତପ୍ରଭା ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସ୍ୱର୍ଗତ ଇଂ ଉନ୍ମେଶଙ୍କ ପିତା ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ରକୁମାର ସାମଲ ଯାଜପୁରର ବିଭିନ୍ନ କଲେଜରେ ଟ୍ରଷ୍ଟ ତରଫରୁ ବହିଘର ଓ ବୁଦ୍ଧମୂର୍ତ୍ତି ପ୍ରତିଷ୍ଠା କରିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଚନ୍ଦ୍ରକଳା ନାୟକ ସଭା ପରିଚାଳନାରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ରୁଦ୍ର ନାରାୟଣ ପୃଷ୍ଟି ବାର୍ଷିକ ବିବରଣୀ ପାଠ, ଅବସରପ୍ରାପ୍ତ ଅଧ୍ୟାପକ ଚିତ୍ତ ରଂଜନ ସାହୁ ଅତିଥି ପରିଚୟ, ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ଚାଟାର୍ଜିଙ୍କୁ ଟ୍ରଷ୍ଟ ତରଫରୁ ଉଦୟଗିରୀର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ବଡ ଧରଣର ବୁଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରବିନ୍ଦ୍ର ସାମଲ ଓ ଚିତରଞ୍ଜନ ସାମଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ରାଶିରୁ ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା।





# ଜିଏସଟି କମାଇ ପୂଜା ଭେଟି ଦେଲେ ସରକାର

## ଏବେ ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ

**ନୂଆଦିଲ୍ଲୀ**

ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ୫୬ତମ ଜିଏସ୍‌ଟି କାଉନ୍ସିଲ୍ ବୈଠକରେ ଜିଏସ୍‌ଟି ହାର ସରଳୀକରଣକୁ ମଞ୍ଜୁର କରାଯାଇଛି । ୧୨% ଓ ୨୮% ସ୍ଲାବ୍‌କୁ ରଦ୍ଦ କରି ଦୁଇହାର ଟିକସ ଗଠନ ୫% ଓ ୧୮% ଲାଗୁ ହେବ । ପାନ ମସଲା ଓ ତମାଖୁ ଜାତୀୟ ସୌଖୀନ ସାମଗ୍ରୀ ପାଇଁ ୪୦% 'ସିନ୍ ଟ୍ୟାକ୍ସ' ପ୍ରବର୍ତ୍ତନ କରାଯାଇଛି । ଏହି ନୂଆ ଗଠନ ୨୨ ସେପ୍ଟେମ୍ବର ୨୦୨୫ରୁ କାର୍ଯ୍ୟକାରୀ ହେବ ।




ସୀତାରମଣ କହିଛନ୍ତି, "ଆମେ ସ୍ଲାବ୍ ସଂଖ୍ୟା ହ୍ରାସ କରିଛୁ । ଏବେ କେବଳ ଦୁଇଟି ସ୍ଲାବ୍ ରହିବ ଏବଂ କମ୍ପେନସେସନ୍ ସେସ୍ ସମସ୍ୟାର ସମାଧାନ କରାଯାଉଛି ।" ଏହି ପୁନର୍ଗଠନରେ କ୍ଷୀର, ପନୀର, ସ୍ନାକ୍ସ, ରୁଟି ଭଳି ୧୭୫ଟି ଅତ୍ୟାବଶ୍ୟକ ସାମଗ୍ରୀ ଶସ୍ତା ହେବ । ୧୨% ଟିକସ ଥିବା ୯୯% ସାମଗ୍ରୀ ୫% ସ୍ଲାବ୍‌କୁ ଏବଂ ୨୮% ଟିକସ ଥିବା ୯୦% ସାମଗ୍ରୀ ୧୮% ସ୍ଲାବ୍‌କୁ ସ୍ଥାନାନ୍ତରିତ ହେବ । ପ୍ରାୟ ଡଜନେକ ସୌଖୀନ ସାମଗ୍ରୀ ଉପରେ ୪୦% 'ସିନ୍ ଟ୍ୟାକ୍ସ' ଲାଗୁ ହେବ ।

ଏହା ପୂଜା ଅବସରରେ ଜନସାଧାରଣଙ୍କ ପାଇଁ ସରକାରଙ୍କର ଏକ ବଡ଼ ଭେଟି ଭାବେ ଦେଖାଯାଉଛି, ଯାହା ଦୈନନ୍ଦିନ ଜୀବନଯାତ୍ରାକୁ ଅଧିକ ସୁଲଭ କରିବ ।

# ଚେରଲାପାଲି - ଶାଲିମାର ରୁଟ୍‌ରେ ସାପ୍ତାହିକ ପାର୍ବଣ ସ୍ପେଶାଲ ଟ୍ରେନ ଘୋଷଣା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ, ଭାରତୀୟ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାପ୍ତାହିକ ସ୍ପେଶାଲ ଟ୍ରେନର ପରିଚାଳନା କରିବ: ଟ୍ରେନ୍ ବିବରଣୀ । ଟ୍ରେନ୍ ନମ୍ବର ୦୭୨୨୫/୦୭୨୨୬ ଚେରଲାପାଲି - ଶାଲିମାର - ଚେରଲାପାଲି ସାପ୍ତାହିକ ସ୍ପେଶାଲ । ଚେରଲାପାଲିରୁ: ୧୩ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ସୋମବାର ୦୪:୩୦ ଘଣ୍ଟାରେ ଛାଡିବ । ଶାଲିମାରରୁ: ୧୪ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ୧୦:୦୦ ଘଣ୍ଟାରେ ଛାଡିବ । ରହଣିସ୍ଥଳ (ଉଭୟ ପଟୁ) ଟ୍ରେନ୍ ନିମ୍ନଲିଖିତ ଷ୍ଟେସନଗୁଡ଼ିକରେ ରହଣି କରିବ: କାଜିପେଟ୍, ୱାରାଙ୍ଗଲ୍, ମହବୁବାବାଦ, ଖମାମ୍, ରାୟନାପାଡୁ, ଏଲୁରୁ, ରାଜମଣ୍ଡ୍ରି, ସମଲକୋଟ, ଟୁନି, ଦୁଭଭାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର, ଏବଂ ସାନ୍ତରାଗାଛି । କୋଚ୍ ସଂରଚନା: ୦୨ ଟି ଦ୍ୱିତୀୟ ଶ୍ରେଣୀ ଏସି କୋଚ୍, ୦୪ ଟି ତୃତୀୟ ଶ୍ରେଣୀ ଏସି କୋଚ୍, ୧୩ ଟି ସ୍ଲିପର ଶ୍ରେଣୀ କୋଚ୍, ୦୩ ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍, ୦୨ ଟି ଲଗେଜ୍ ଭ୍ୟାନ୍-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହିତ) ।

# କାଶିଆ(କ) ୟୁପି ସ୍କୁଲରେ ଜିନ୍ଦଲ ସୁବିଧା କେନ୍ଦ୍ରର ଉଦ୍‌ଘାଟନ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**




ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । ଜିନ୍ଦଲ ଷ୍ଟିଲର ଇଭିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ଶ୍ରୀ ରାକେଶ ପଣ୍ଡା, ଯୋଡ଼ା ବିଇଓ କ୍ଷେତ୍ରମୋହନ ହାଁସଦା, ସେରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଉର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି । ସ୍କୁଲକୁ ଆସିବା ପାଇଁ ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ଏହି ସୁବିଧା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ମିଳିବ । ଏହା ସହିତ ଜିନ୍ଦଲ ଫାଉଣ୍ଡେସନ ନିରାପଦ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ଖେଳିବା ପାଇଁ ଭିତ୍ତିଭୂମିର ବିକାଶ କରିଛି । କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଡଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି । ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ ।

ଉଦ୍‌ଘାଟନୀ ଉତ୍ସବରେ ଏହି ଅଭିଯାନକୁ ଉପ ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରଶଂସା କରିବା ସହ ଗ୍ରାମାଞ୍ଚଳର ଶିଶୁମାନଙ୍କ ବିକାଶ ଏବଂ ସରକାରଙ୍କ ସମାବେଶୀ ଶିକ୍ଷା କାର୍ଯ୍ୟକ୍ରମରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।

'ଶିକ୍ଷା' ପ୍ରକଳ୍ପ, ସ୍କୁଲ ଶିକ୍ଷା ପରବର୍ତ୍ତୀ ଶିକ୍ଷଣ କାର୍ଯ୍ୟକ୍ରମ, ପରିବହନ ପାଇଁ ସ୍କୁଲ ବସର ସୁବିଧା, ଶିକ୍ଷକ ନିଯୁକ୍ତି ଓ ଶିକ୍ଷଣ ସାମଗ୍ରୀ ବଣ୍ଟନ ଦ୍ୱାରା ଜିନ୍ଦଲ ଫାଉଣ୍ଡେସନ ଶିକ୍ଷାର ମାନ ବୃଦ୍ଧି ସହ ପ୍ରତ୍ୟକ ଶିଶୁର ବିକାଶ ଓ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିଆସୁଛି ।

# ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତନଖି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଶେଷ କରି ବଡ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି । ଚଳିତ ସେପ୍ଟେମ୍ବର ୩ ତାରିଖ ଦିନ ରାଜ ଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସଂପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି । ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଂଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ । ଏତଦ୍‌ବ୍ୟତୀତ ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟ କ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ । ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟ ଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଅତିରିକ୍ତ ଯନ୍ତ୍ରପାତି କ୍ରୟ ସଂପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ । ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍‌କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କେ -୯ ସ୍କ୍ୱାଡ଼ ନିୟୋଜନ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସଂପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍‌ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ । ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିଥିଲେ ଏବଂ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଜି. ଅଗ୍ନିଶମ ଓ ଆପତକାଳୀନ ସେବା, କମାଣ୍ଡାଂଟ୍ ଜେନେରାଲ ହୋମଗାର୍ଡସ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଡି.ଆଇ.ଜି. ଫାୟାର ଆଣ୍ଡ ଇମରଜେନ୍ସି ସର୍ଭିସ୍ ଆଣ୍ଡ ହୋମଗର୍ଡସ୍ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀମନ୍ଦିର ନୂଆ ପରିଚାଳନା...

ନିଶ୍ଚିତ କରିବ । ରତ୍ନଭଣ୍ଡାର ସବକମିଟି ଏହି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବ ଓ ସମସ୍ତ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବ । ଶ୍ରୀମନ୍ଦିରର ବିଭିନ୍ନ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ୧୪ଟି ସବ୍‌କମିଟି ଗଠନ କରାଯାଇଛି । ସୁରକ୍ଷା ସବକମିଟି ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁଙ୍କ ନେତୃତ୍ୱରେ ଗଠିତ ହୋଇଛି । ଏହି କମିଟିରେ ପୁରୀ ଏସ୍‌ପି ଏବଂ ଶ୍ରୀମନ୍ଦିରର ସେବାୟତମାନେ ସାମିଲ ରହିବେ । ଶ୍ରୀମନ୍ଦିର ପରିସରରେ ସିସିଟିଭି ନିରୀକ୍ଷଣ, ସୁରକ୍ଷା କର୍ମଚାରୀଙ୍କ ତାଲିମ ଏବଂ ଜରୁରୀକାଳୀନ ଯୋଜନା ଉପରେ ଏହି କମିଟି କାର୍ଯ୍ୟ କରିବ । ଗବେଷଣା ଓ ପ୍ରକାଶନ : ଶ୍ରୀ ଜଗନ୍ନାଥ ସଂସ୍କୃତି, ପରଂପରା ଓ ଇତିହାସର ସଂରକ୍ଷଣ ଏବଂ ପ୍ରଚାର, ସେବାୟତ କଲ୍ୟାଣ : ସେବାୟତଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ, ଭୂମି ପରିଚାଳନା: ମନ୍ଦିର ସମ୍ପତ୍ତିର ସୁରକ୍ଷା ଓ ବ୍ୟବସ୍ଥାପନା, ନୀତିକାନ୍ତି: ଶ୍ରୀମନ୍ଦିରର ନୀତିକାନ୍ତି ଓ ଅନୁଷ୍ଠାନର ସୁପରିଚାଳନା ଇତ୍ୟାଦି ସମେତ ପରିଚାଳନା ବୈଠକରେ ଆସନ୍ତା ଚନ୍ଦ୍ରଗ୍ରହଣରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସରକାର ଏହାକୁ ଗଠନ ଦିଗରେ ବିଳମ୍ବ କରିଥିଲେ । ଗତମାସରେ ଏହି କମିଟି ପୁଣିଥରେ ଗଠନ ହେବାପରେ ବୁଧବାର ତା'ର ପ୍ରଥମ ବୈଠକ ହୋଇଥିଲା । ଏହି ନୂଆ କମିଟିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଶ୍ରମନ୍ଦିର ସେବାୟତ ସମେତ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ ରହିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢ଼ୀ କହିଛନ୍ତି ଯେ, ସବ୍‌କମିଟିଗୁଡ଼ିକ ଶୀଘ୍ର ନିଜ ନିଜ କାର୍ଯ୍ୟ ଯୋଜନା ଉପରେ କାମ ଆରମ୍ଭ କରିବେ । ଭକ୍ତଙ୍କୁ ଉନ୍ନତ ଅନୁଭବ ପ୍ରଦାନ କରିବା ଏବଂ ମନ୍ଦିରର ସମସ୍ତ ଦିଗରେ ସୁବ୍ୟବସ୍ଥିତ ପରିଚାଳନା ନିଶ୍ଚିତ କରିବା ଆମର ପ୍ରାଥମିକତା । ଧାଡ଼ି ଦର୍ଶନ ପ୍ରଣାଳୀ ସଫଳ ହେଲେ, ଏହାକୁ ସ୍ଥାୟୀ ଭାବେ ଲାଗୁ କରାଯାଇପାରେ । ଏହା ସହିତ ଡିଜିଟାଲ ସୁବିଧା, ଅନଲାଇନ ଦର୍ଶନ ବୁକିଂ, ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଏବଂ ଭକ୍ତଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ଯୋଜନା ରହିଛି ।

## ଭୂକମ୍ପ ପ୍ରଭାବିତ...

ସାମଗ୍ରୀ । ଜୟଶଙ୍କର କହିଛନ୍ତି, ଭାରତ ସ୍ଥିତି ଉପରେ ନଜର ରଖିଛି । ଆଗାମୀ ଦିନରେ ଅଧିକ ମାନବୀୟ ସହାୟତା ପଠାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି, ଆଫଗାନିସ୍ତାନରେ ଭୂକମ୍ପ ପ୍ରଭାବିତ ଲୋକଙ୍କୁ ଭାରତ ସବୁ ପ୍ରକାର ମାନବୀୟ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ରହିଛି ।

## ଭାରତକୁ ଖୋଲା...

ପଠାଉ ନ ଥିଲୁ । ସେମାନେ ଆମଠାରୁ ୧୦୦ ପ୍ରତିଶତ ଟାରିଫ୍ ନେଉଥିଲେ । ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେରିକା ବିନା ଦୁନିଆରେ କିଛି ରହିବ ନାହିଁ । ଆମେରିକା ବହୁତ ବଡ଼ ଏବଂ ଶକ୍ତିଶାଳୀ । ମୁଁ ପ୍ରଥମ କିଛି ବର୍ଷ ମଧ୍ୟରେ ଏହାକୁ ବହୁତ ବଡ଼ କରିସାରିଛି । ମୁଁ ବିଶ୍ୱରେ ଅନେକ ଯୁଦ୍ଧ ବନ୍ଦ କରିଛି ଏବଂ ବାଣିଜ୍ୟ ବଳରେ ଏହି ଯୁଦ୍ଧଗୁଡ଼ିକ ବନ୍ଦ ହୋଇଛି । ବାଣିଜ୍ୟରେ ଟାରିଫ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଟ୍ରମ୍ପ ଭାରତ ସମେତ ଅନେକ ଦେଶ ଉପରେ ଲାଗୁ ହୋଇଥିବା ଟାରିଫ୍‌କୁ ଯଥାର୍ଥ କରିଛନ୍ତି । ଟାରିଫ୍ ଆମେରିକୀୟ ଚାକିରି ବଞ୍ଚାଇବାରେ ସାହାଯ୍ୟ କରିବ । ଆମେରିକା ପୂର୍ବରୁ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିଥିଲା, କିନ୍ତୁ ଏହାକୁ ଆହୁରି ୨୫ ପ୍ରତିଶତ ବୃଦ୍ଧି କରିଥିଲା । ଏହି ଭାବରେ, ଭାରତ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲାଗୁ କରାଯାଇଥିଲା । ଟ୍ରମ୍ପ କହିଛନ୍ତି ଯେ, ଭାରତ ରୁଷିଆଠାରୁ ତେଲ କିଣିବା ଉଚିତ୍ ନୁହେଁ, କିନ୍ତୁ ଭାରତ ରୁଷିଆ ସହିତ ବାଣିଜ୍ୟ ସମ୍ପର୍କରେ କୌଣସି ପରିବର୍ତ୍ତନ କରିନାହିଁ । ଏହି କାରଣରୁ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଟାରିଫ୍ ଲାଗୁ କରିଥିଲେ ।

## ଏସ୍‌ସି ଏସ୍‌ଟି ବିଭାଗ...

ସ୍ତରୀୟ ପରିଚାଳନା କମିଟି ବୈଠକ ସହିତ ଜଡ଼ିତ ଏହି ରାଜ୍ୟ କ୍ଷେତ୍ର-ଜୀବିକା ଯୋଜନା ଅଧୀନରେ ଗତ ୨ ବର୍ଷରେ କରାଯାଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । କୃଷି-ଉତ୍ପାଦନ ଉନ୍ନତି, ଜଳସେଚନ ଭିତ୍ତିଭୂମି ବୃଦ୍ଧି ଏବଂ କ୍ଷୁଦ୍ର-ଉଦ୍ୟୋଗୀଙ୍କ ପ୍ରୋତ୍ସାହନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀମତୀ ଗର୍ଗ ଏପର୍ଯ୍ୟନ୍ତ ହୋଇଥିବା ସଫଳତାକୁ ପ୍ରଶଂସା କରିଥିଲେ ଏବଂ ଏକ୍ଷେତ୍ରରେ କୌଣସି ଦୋହରା ନହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ସଂଶୋଧନ ପାଇଁ ପ୍ରଭାବ ମୂଲ୍ୟାଙ୍କନ-ଅଧ୍ୟୟନ କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ୨୨୫ କୋଟି ଟଙ୍କାର ବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଛି । ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ, ଏମବିସି ବିଭାଗ, ସମ୍ପୃକ୍ତ କମିଟିର ସଚିବ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

## ସୀମାନ୍ତରୁ ଗିରଫ ହେଲେ...

ତେବେ ଗିରଫ ମାଓବାଦୀଙ୍କ ମଧ୍ୟରୁ ନଡଗୁ ବେକ, ବେଟି ମାଡବି, ବୋଡା ବେକୋ, ପାକଲୁ ଫରସା, ବାମନ କବାସୀ, ମୁନ୍ନା କୁହରାମୀ, ମୁନ୍ନା ବେକୋ, ମୁନ୍ନା କୁହରାମୀ, ବୁଧରୁ ଓରଫ ବଧରୁ ବାରସା, ଭିମା ବାରସେ, ମାଡବି ପାଲା, ଜୋଗା ମାଡବି, କଲମୁ ମନକୀ, ବୁଦରୀ ବାରସେ, କଲମୁ ଫୁଲୋ, ନନ୍ଦା କୁମ୍ମ, ଭିମା ମଡକମ। ଏହି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ ।

## ମଝି ଆକାଶରେ...

ବଢ଼ିଛି । ଆଟ୍‌ମୋସ୍ପିୟରିକ୍ ସାଇନସେସ୍ ପତ୍ରିକାରେ ପ୍ରକାଶିତ ସଦ୍ୟ ଅଧ୍ୟୟନ ଆକଳନ କରିଛି, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଜେଟ୍ ଷ୍ଟ୍ରିମ୍ ପବନର ଧାରାରେ ପରିବର୍ତ୍ତନ ୧୬ରୁ ୨୭ ପ୍ରତିଶତ ବୃଦ୍ଧି ହୋଇପାରେ । ସେହିପରି ମୋଟାମୋଟି ବାୟୁମଣ୍ଡଳୀୟ ସ୍ଥିରତା ୧୦ରୁ ୨୦ ପ୍ରତିଶତ ହ୍ରାସ ହୋଇପାରେ । ଉଭୟ ଗୋଲାର୍ଦ୍ଧରେ ଏହି ପରିବର୍ତ୍ତନ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଅଧ୍ୟୟନର ମୁଖ୍ୟ ଲେଖକ ଜୋଆନା ମେଡିରୋସ୍ କହିଛନ୍ତି, ଶକ୍ତିଶାଳୀ ପବନ ଧାରାରେ ବ୍ୟାଘାତ ଓ ଦୁର୍ବଳ ବାୟୁମଣ୍ଡଳୀୟ ସ୍ଥିରତା କ୍ଲିୟର-ଏୟାର ଟର୍ବୁ୍ୟଲାନ୍ସ (ସିଏଟି) ସ୍ଥିତିକୁ ଦର୍ଶାଉଛି । ଏହା ଟର୍ବୁ୍ୟଲାନ୍ସର ଏକ ନିର୍ଦ୍ଦିଷ୍ଟ ବିପଦପୂର୍ଣ୍ଣ ରୂପ । କାରଣ କୌଣସି ଚେତାବନୀ ବିନା ଏହି ଘଟଣା ଘଟେ ଏବଂ ରାଡାର ମଧ୍ୟ ଏହାକୁ ଚିହ୍ନଟ କରିପାରେ ନାହିଁ । ଟର୍ବୁ୍ୟଲାନ୍ସ ଝଡ଼ ଦ୍ୱାରା ସୃଷ୍ଟି ହେଉଥିବା ବେଳେ ସିଏଟି ବା ପାଇଲଟ୍ ଓ ଯାତ୍ରୀ ପ୍ରସ୍ତୁତ ନ ଥିବାବେଳେ କ୍ଲିୟର-ଏୟାର ଟର୍ବୁ୍ୟଲାନ୍ସର ସମ୍ମୁଖୀନ ହୋଇଥାନ୍ତି । ଫଳରେ ଧନ-ଜୀବନ ହାନିରୁ ରକ୍ଷା ପାଇବା କଷ୍ଟକର ହୋଇପଡ଼େ । ଅଧ୍ୟୟନର ନିଷ୍କର୍ଷରେ ପହଞ୍ଚିବା ପାଇଁ ଗବେଷକମାନେ ୨୬ ବିଶ୍ୱସ୍ତରୀୟ ଜଳବାୟୁ ମଡେଲ ଉପରେ ନିର୍ଭର କରିଥିଲେ । ଅଧ୍ୟୟନରୁ ଜଣାପଡ଼ିଲା, ଅଧିକାଂଶ ବ୍ୟବସାୟିକ ଜେଟ୍‌ଗୁଡ଼ିକର ଯାତାୟାତ ଉଚ୍ଚତା- ପ୍ରାୟ ୩୫ ହଜାର ଫୁଟ ଉଚ୍ଚରେ ଉତ୍ତାପନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ କେନ୍ଦ୍ରିତ ଥାଏ । ଅଧ୍ୟୟନର ସହ-ଲେଖକ ତଥା ଅଗ୍ରଣୀ ବାୟୁମଣ୍ଡଳୀୟ ବୈଜ୍ଞାନିକ ପଲ୍ ୱିଲିୟମ୍ସଙ୍କ ଅନୁସାରେ, ଟର୍ବୁ୍ୟଲାନ୍ସ ପାଇଲଟ୍ ଓ ଯାତ୍ରୀଙ୍କୁ ଗମ୍ଭୀର ଆଘାତ ଦେଇଛି, ମୃତ୍ୟୁର କାରଣ ମଧ୍ୟ ହୋଇଛି । ଅଧ୍ୟୟନରୁ ସ୍ପଷ୍ଟ ହେଉଛି ଯେ ବିମାନ ଯାତ୍ରା ପାଇଁ ଭବିଷ୍ୟତର ଆକାଶ ସୁରକ୍ଷିତ ଓ ସୁଗମ ହୋଇନପାରେ ।

## ସେପ୍ଟେମ୍ବରରେ ଫେରୁଛି...

ପ୍ରଭାବିତ କରିବ । 'ଲା-ନିନା' ପାଇଁ ସେପ୍ଟେମ୍ବର ମାସରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । କେବଳ ବର୍ଷା ନୁହେଁ ଚଳିତ ବର୍ଷ ଭୀଷଣ ଶୀତର ପୂର୍ବାନୁମାନ କରି ଚେତାବନୀ ଦେଇଛି ବିଶ୍ୱ ପାଣିପାଗ ସଂଗଠନ । ଦିନରେ ତାପମାତ୍ରା ସର୍ବନିମ୍ନ ସ୍ତରକୁ ଖସିଯିବ । ବିଶେଷ କରି ଉତ୍ତର ଭାରତରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେବ । ଡବ୍ଲୁଏମଓ ରିପୋର୍ଟ କହୁଛି, ଲା-ନିନାର ଅସ୍ଥାୟୀ ଶୀତଳ ପ୍ରଭାବ ସତ୍ତ୍ୱେ ଦୁନିଆ ଅଧିକାଂଶ ସ୍ଥାନରେ ବୈଶ୍ୱିକ ତାପମାତ୍ରା ହାରହାରି ଠାରୁ ଅଧିକ ରହିବାର ସମ୍ଭାବନା ରହିଛି । ତେବେ ଏଲନିନୋ ଏବଂ ଲାନିନୋ ପ୍ରଶାନ୍ତ ମହାସାଗରରେ ଚାଲୁଥିବା ଜଳଚକ୍ର ଦୁଇଟି ବିପରୀତ ଧାରା । ଏଲନିନୋ ଦକ୍ଷିଣ ଆମେରିକାର ପେରୁ ନିକଟବର୍ତ୍ତୀ ସମୁଦ୍ରରେ ଚାଲୁଥିବା ଏକ ଗରମ ଜଳଧାରା । ଏହି ୱର୍ମ କରେଣ୍ଟ ବିଶେଷ କରି ଟ୍ରେଡ୍ ୱିଣ୍ଡକୁ ଦୁର୍ବଳ କରିବା ସହିତ ଭାରତରେ ମୌସୁମୀକୁ ପ୍ରଭାବିତ କରିଥାଏ । ଯାହା ଫଳରେ ଭାରତରେ ଜୁନ ଏବଂ ଜୁଲାଇ ମାସରେ ନିଅଣ୍ଟିଆ ବର୍ଷା ହେବା ସଙ୍ଗେ ସଙ୍ଗେ ଚାଷ ମଧ୍ୟ ପ୍ରଭାବିତ ହୋଇଥାଏ । ମାତ୍ର ଲା-ନିନା ହେଉଛି ଏଲ-ନିନୋର ବିପରୀତ । ଏହା ଦକ୍ଷିଣ ଆମେରିକା ତଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏକ ଥଣ୍ଡା ଜଳଧାରା । ସେପ୍ଟେମ୍ବର ମାସରେ ବିକଶିତ ହୋଇ ଭାରତରେ ମୌସୁମୀକୁ ଅଧିକ ସକ୍ରିୟ କରିଥାଏ । ଯାହା ଫଳରେ ଦେଶରେ ମୂଷଳଧାରରେ ବର୍ଷା ହୋଇଥାଏ । ଏହାଛଡ଼ା ଶୀତ ଦିନରେ ହାଡ଼ ଭଙ୍ଗା ଥଣ୍ଡା ଅନୁଭୂତ ହୋଇଥାଏ । ହାରାହାରି ଠାରୁ ଅଧିକ ଥଣ୍ଡା ପଡ଼ିଥାଏ । ବିଶେଷ ଭାବେ ପ୍ରଭାବିତ ହୋଇଥାଏ ଉତ୍ତର ଭାରତ କ୍ଷେତ୍ର । ସାଧାରଣତଃ ବୁଝିବାକୁ ଗଲେ ଏଲ-ନିନୋ ଏକ ବର୍ଷରୁ କମ୍ ସମୟ ଏବଂ ଲା-ନିନା ଏକ ବର୍ଷରୁ ତିନି ବର୍ଷ ପର୍ଯ୍ୟନ୍ତ ରହିଥାଏ । ବିଶ୍ୱ ପାଣିପାଗ ସଂଗଠନର ମହାସଚିବ ସେଲେଷ୍ଟ ସାଓଲୋ କହିଛନ୍ତି, ଏଲନିନୋ ଏବଂ ଲା-ନିନା ହେଉଛି ମହାସାଗରରେ ପ୍ରାକୃତିକ ଭାବେ ସୃଷ୍ଟି ହେଉଥିବା ଜଳବାୟୁ ଘଟଣା । ଏହା ସାମାନ୍ୟ ଜଳବାୟୁକୁ ପ୍ରଭାବିତ କରିଥାଏ । ଏହା ଦ୍ୱାରା କୃଷି, ଉର୍ଜା, ସ୍ୱାସ୍ଥ୍ୟ ଏବଂ ପରିବହନ ଆଦି ପ୍ରମୁଖ କ୍ଷେତ୍ର ପ୍ରଭାବିତ ହୋଇଥାଏ । ଡବ୍ଲୁଏମଓର ପୂର୍ବାନୁମାନ ଦ୍ୱାରା ଲକ୍ଷାଧିକ ଡଲାର ସମ୍ପତ୍ତି ନଷ୍ଟ ହେବାରୁ ବର୍ତ୍ତି ଯାଇଥାଏ । ପ୍ରାକୃତିକ ବିପର୍ଯ୍ୟୟରୁ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚିଯାଏ । ହେଲେ ଭୂ-ପୃଷ୍ଠରେ ଜଳବାୟୁ ପରିବର୍ତ୍ତନର ଏକ ମାତ୍ର କାରକ ଏଲନିନୋ କିମ୍ବା ଲା-ନିନା ନୁହେଁ ।

# ସେପ୍ଟେମ୍ବର ୬ ଶନିବାର ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ଚଳିତମାସ ୬ ତାରିଖ ଶନିବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ପୂର୍ବବର୍ଷମାନଙ୍କ ପରି ଚଳିତବର୍ଷ ମଧ୍ୟ ରାଜ୍ୟର ବିଭିନ୍ନ ମନ୍ଦିରମାନଙ୍କର ଟ୍ରଷ୍ଟି, କର୍ମକର୍ତ୍ତା ତଥା ଭକ୍ତମାନେ ଯୋଗଦାନ କରିବେ । ଏହି ସମ୍ମିଳନୀରେ ସାଇବାବାଙ୍କ ସଂପର୍କୀତ ପୁସ୍ତକ ଓ ଭଜନ ସିଡ଼ି ଉନ୍ମୋଚନ ହେବା ସହିତ କ୍ଲିକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି । ସମ୍ମିଳନୀରେ ଯୋଗଦେଇଥିବା ଭକ୍ତମାନେ ବାବାଙ୍କର ଲୀଳା ଓ ଅନୁଭୂତି ବର୍ଣ୍ଣନା କରିବେ । ଉକ୍ତ ରାଜ୍ୟସ୍ତରୀୟ ସମ୍ମିଳନୀର ସହଯୋଗ ତଥା ସଫଳତା ପାଇଁ ଆଗ୍ରହୀ ଭକ୍ତମାନେ ଦୂରଭାଷ ନଂ ୯୮୬୧୮୯୯୦୦୦ କିମ୍ବା ୭୯୭୮୬୫୮୦୪୭ରେ ଯୋଗାଯୋଗ କରିବାକୁ ଅନୁରୋଧ ।

# ବିମାନରେ ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବା ଡ.ଜ୍ୟୋତିର୍ମୟ ନାୟକଙ୍କ ପ୍ରଶଂସା କଲେ ପ୍ରଭାତୀ ପରିଡା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିମାନରେ ଜଣେ ଯାତ୍ରୀଙ୍କ ଜୀବନ ବଂଚାଇଥିବା ଡ.ଜ୍ୟୋତିର୍ମୟ ନାୟକଙ୍କ ପ୍ରଶଂସା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ମାନବ ସେବା ହିଁ ମାଧବ ସେବା । ବିମାନରେ ଦିଲ୍ଲୀ ଗସ୍ତ କରୁଥିବା ସମୟରେ ଜରୁରୀକାଳୀନ ପରିସ୍ଥିତିରେ ଜଣେ ରୋଗୀଙ୍କ ଜୀବନ ବଂଚାଇ ପ୍ରଶଂସା ସାଉଁଟୁଛନ୍ତି ଡଃ ଜ୍ୟୋତିର୍ମୟ ନାୟକ । କଟକ ଏସସିବି ମେଡିକାଲର ଅତିରିକ୍ତ ଅଧିକ୍ଷକ ଭାବେ କାର୍ଯ୍ୟରତ ଡଃ ଜ୍ୟୋତିର୍ମୟ ନାୟକଙ୍କର ଏହି ମହାନ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସେ ଏଭଳି ସେବାକାର୍ଯ୍ୟରେ ସଦା ବ୍ରତୀ ରୁହନ୍ତୁ ଏତିକି ପ୍ରାର୍ଥନା ।

# ସ୍କୁଲ ସହ ଯୋଡ଼ିହେବ ଅଙ୍ଗନୱାଡ଼ି କେନ୍ଦ୍ର : ଗାଇଡ୍‌ଲାଇନ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି । ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି ।

ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ । ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା । ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି । ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍ । ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ । ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ ଇଂଟରନେଟ୍ ସଂଯୋଗ କରାଯିବ । ଆସର୍ ଏବଂ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି । ଏହି ଅଭୁତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ । ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେଉ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଉ, ତେବେ ଯାଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଉଲ୍ଲେଖନୀୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ସହଯୋଗରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ପାଇଁ ଗାଇଡଲାଇନ ଜାରି କରାଯାଇଛି । ଏହି ପଦକ୍ଷେପ ବିକଶିତ ଭାରତର ମାନବ ସମ୍ବଳ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି ଅଧୀନରେ ଏହି ଗାଇଡଲାଇନ, ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ୱ ଉପରେ ଯୋର୍ ଦେଉଛି । ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ୱଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳରେ ଏହି ମଡେଲକୁ ପ୍ରଭାବଶାଳୀ ଢଙ୍ଗରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ ।

ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନୱାଡି କର୍ମଚାରୀମାନେ ଯୋଗଦେଇଥିଲେ ।

# ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ନିବାସୀ ଧର୍ମନିଷ୍ଠ, ପରୋପକାରୀ, ଅତ୍ୟନ୍ତ ସ୍ନେହୀ ଓ ସମସ୍ତିଙ୍କ 'ବଣିଆ ମା' ଦୁଃଖୀ ସେନାପତି ଇହଲୀଳା ସମ୍ବରଣ କରି ପରଲୋକ ଗମନ କରିଛନ୍ତି । ସେ ସ୍ୱର୍ଗତ ଲକ୍ଷ୍ମଣ ସେନାପତିଙ୍କର ଧର୍ମପତ୍ନୀ ଥିଲେ ତଥା ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ସେନାପତି ଓ କାଳୀ ଚରଣ ସେନାପତିଙ୍କର ମାତା ଥିଲେ । ତାଙ୍କ ଅବର୍ତ୍ତମାନରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଆତ୍ମହତ୍ୟା ରୋକିବାକୁ ଜିଲ୍ଲା ହେଡ୍ କ୍ୱାର୍ଟରରେ ହେବ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆତ୍ମହତ୍ୟା ରୋକିବାକୁ ଲୋକସେବା ଭବନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବଡ଼ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଉଚ୍ଚଶିକ୍ଷା ବିଭାଗର ସଚିବ ଓ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଛନ୍ତି । ଆତ୍ମହତ୍ୟା ରୋକିବାକୁ ଜିଲ୍ଲା ହେଡ୍ କ୍ୱାର୍ଟରରେ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ କରାଯିବ । ସେପ୍ଟେମ୍ବର ୧୦ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥିରେ କଲେଜ, ସ୍କୁଲ ଛାତ୍ରଛାତ୍ରୀ ଓ ଯୁବବର୍ଗ ମାନେ ସାମିଲ ହେବେ । ୭୦ରୁ ଅଧିକ କଳାକାର ଏଥିରେ ସାମିଲ ହେବେ । ମହିଳା ଶିଶୁ ବିକାଶ ବିଭାଗ, ଗୃହ ଓ ଉଚ୍ଚ ଶିକ୍ଷା ବିଭାଗ ବିଭାଗ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବୈଠକରୁ ଜଣାପଡ଼ିଛି ।

ଭୁବନେଶ୍ୱର
୦୪ ସେପ୍ଟେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ପାୱାରଗ୍ରିଡ୍‌କୁ ମାନବ ସମ୍ବଳ ପରିଚାଳନା ପାଇଁ ସ୍କୋପେ ଏମିନେନ୍ସ ପୁରସ୍କାର ପ୍ରଦାନ

ନୂଆଦିଲ୍ଲୀ, ୩/୯

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ ମହାରତ୍ନ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ପାୱାରଗ୍ରିଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରିଡ୍)କୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମାନବ ସମ୍ବଳ ପରିଚାଳନା ପାଇଁ ସ୍କୋପେ ଏମିନେନ୍ସ ପୁରସ୍କାର ପ୍ରଦାନ କରିଛନ୍ତି। ପାୱାରଗ୍ରିଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରବିନ୍ଦ୍ର କୁମାର ତ୍ୟାଗୀ ଏବଂ ନିର୍ଦ୍ଦେଶକ (କାର୍ମିକ) ଡକ୍ଟର ଯତୀନ୍ଦ୍ର ଦ୍ୱିବେଦୀ ଏହି ପୁରସ୍କାର ଗ୍ରହଣ କରିଥିଲେ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗର ସଚିବ କେ. ମୋଜେସ୍ ଚାଲାଇଙ୍କ ସହିତ ପିଏସ୍‌ୟୁ, ସ୍କୋପେ ଏବଂ ପାୱାରଗ୍ରିଡ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ



ଉପସ୍ଥିତ ଥିଲେ। ଏହି ସ୍ୱୀକୃତି ପାୱାରଗ୍ରିଡ୍‌ର ପ୍ରଗତିଶୀଳ ମାନବସମ୍ବଳ ଅଭ୍ୟାସଗୁଡ଼ିକୁ ଉଜ୍ଜ୍ୱଳ କରେ ଯାହା କର୍ମଚାରୀ-କୈନ୍ଦ୍ରିକ ନୀତି, ନିରନ୍ତର ଦକ୍ଷତା ଉନ୍ନତି ଏବଂ ନେତୃତ୍ୱ ବିକାଶ ଉପରେ ଗୁରୁତ୍ୱାରୋପ କରେ ଏବଂ ସମଗ୍ର ସଂଗଠନରେ ନବସୃଜନ, ଅନ୍ତର୍ଭୁକ୍ତି ଓ ସାମଗ୍ରିକ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହିତ କରେ। ୩୧ ଜୁଲାଇ ୨୦୨୫ ସୁଦ୍ଧା, ପାୱାରଗ୍ରିଡ୍ ୨୮୬ ସବ-ଷ୍ଟେସନ, ୧,୮୦,୮୪୯ ସର୍କିଟ କିଲୋମିଟର ଟ୍ରାନ୍ସମିସନ ଲାଇନ ଏବଂ ୫,୭୪,୩୩୧ ଏମ୍‌ଭିଏ ର ପରିବର୍ତ୍ତନ କ୍ଷମତାକୁ କାର୍ଯ୍ୟକାରୀ କରିଛି ଏବଂ କାର୍ଯ୍ୟ କରୁଛି। ସର୍ବଶେଷ ଉପକରଣ ଓ ପ୍ରଯୁକ୍ତିବିଦ୍ୟା, ସ୍ୱୟଂଚାଳିତତା ଏବଂ ଡିଜିଟାଲ୍ ସମାଧାନର ଉନ୍ନତ ବ୍ୟବହାର ଗ୍ରହଣ କରି ପାୱାରଗ୍ରିଡ୍ ହାରାହାରି ୯୯.୮୫% ଟ୍ରାନ୍ସମିସନ ସିଷ୍ଟମ ଉପଲବ୍ଧତା ବଜାୟ ରଖିବାରେ ସକ୍ଷମ ହୋଇଛି।

## ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ସମ୍ପନ୍ନ

ପୁରୀ,୦୩/୦୯ ନ୍ୟୁଜ ବ୍ୟୁରୋ

ଭାଦ୍ରବ ମାସର ଶୁକ୍ଳ ପକ୍ଷ ଏକାଦଶୀକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ବା ପଦ୍ମା ଏକାଦଶୀ ରୂପେ ପାଳନ କରାଯାଏ। ବର୍ଷକୁ ପଡୁଥିବା ଚାରିଟି ବଡ଼ ଏକାଦଶୀ ମଧ୍ୟରୁ ଏହି ଏକାଦଶୀ ଅନ୍ୟତମ । ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା ଅନ୍ୟତମ। ଭାଦ୍ରବ ଶୁକ୍ଳ ଏକାଦଶୀରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ୪ ମାସ ଶୟନ କାଳରେ ୨ମାସରେ ପାର୍ଶ୍ୱ ପରିବର୍ତ୍ତନ କରିଥାନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଭୋଗମଣ୍ଡପ ନୀତି ଶେଷ ହେବା ପରେ ତିନି ଠାକୁର ମହାସ୍ନାନ ହୋଇ ନୂଆ ଲୁଗା ଲାଗି କରାଯାଇଛି। ତତ୍ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ଘଟୁଆରୀ ଘରୁ ଆସିଥିବା ଚନ୍ଦନ ଶ୍ରୀଅଙ୍ଗରେ ଲାଗି କରିଛନ୍ତି। ଏହାପରେ ଶ୍ରୀମଦନମୋହନଙ୍କୁ ମହାଜନ ସେବକ ରତ୍ନସିଂହାସନରେ ବିଜେ କରାଇଥିଲେ। ସେଠାରେ ମହାପ୍ରଭୁଙ୍କ ଠାରୁ ଆଜ୍ଞା ମାଳ ପାଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ଏହାପରେ ବିମାନ ବଡୁ ସେବକ ଉକ୍ତ ପାଲିଙ୍କିକୁ ସ୍କନ୍ଧରେ ବହନ କରି



ବଡଦେଉଳର ୧ ଥର ପରିକ୍ରମା କରି ପୁଣି ମୁକ୍ତିମଣ୍ଡପ ନିକଟରେ ରଖିଥିଲେ। ଏହାପରେ ଶ୍ରୀମଦନମୋହନ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିଥିଲେ। ସେଠାରେ ଏକାଦଶୀ ଭୋଗ ଏବଂ ବନ୍ଦାପନା ହୋଇଥିଲା। ତତ୍ପରେ ଶ୍ରୀମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ସୂଚନା ଯୋଗ୍ୟ ଯେ, ସନ୍ଧ୍ୟା ଧୂପ ଶେଷ ହେବା ପରେ ଅନନ୍ତ ପୁରୁଷୋତ୍ତମ ମନ୍ଦିର ଭିତରେ ଦେଉଳ ପୁରୋହିତ ପବିତ୍ର ଅଧିବାସ ନିମନ୍ତେ ଆଚାର୍ଯ୍ୟ ବ୍ରହ୍ମା ବରଣ ହୋଇ ହୋମ କରିଥାନ୍ତି । ପ୍ରଥମ ବଡ଼ସିଂହାର ବେଶ ଓ ଭୋଗ ଶେଷ ହେବାପରେ ଖଟ ଶେଜ ଘର ଧୋପଖାଳ ହୋଇ ଦେଉଳ ପୁରୋହିତ ଏହି ଘରେ ପଞ୍ଚ ମୁରୁଜରେ ୩ଟି ମଣ୍ଡଳ କାଟିଥାନ୍ତି ଓ ଏହା ଉପରେ ପୂର୍ଣ୍ଣ କୁମ୍ଭ ପ୍ରତିଷ୍ଠା କରିଥାନ୍ତି । ଏହାପରେ ଭଣ୍ଡାର ମେକାପ ଏହି ମଣ୍ଡଳ ଉପରେ ୯ ମୂର୍ତ୍ତି ପବିତ୍ରା, କୁର୍ବନ୍ତିମାଳ ୩ମୂର୍ତ୍ତିକୁ ପତନୀ ଘୋଡେଇ ରଖିଥାନ୍ତି । ତତ୍ପରେ ଦେଉଳ ପୁରୋହିତ ବରୁଣ ପୂଜା କରି ଉକ୍ତ ପବିତ୍ରାଟିକୁ ୩ ବାଡ଼ରେ ମନ୍ତ୍ର ଉଚ୍ଚାରଣ କରି ଅଧିବାସ କରାଇବା ପରେ ଖଟ ଶେଜ ଘର ମୁଦ ଦିଆଯାଇଥାଏ । ଭିତର ମଇଲମ ସରି ମହାସ୍ନାନ ସରିବା ପରେ ପାଳିଆ ପୁଷ୍ପାଳକ ନୂଆ ଲୁଗା ଲାଗି କରାଇଥାନ୍ତି । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତ୍ର, କାହାଳୀରେ ୩ଟି ରୂପା ପିଙ୍ଗଣରେ ଚନ୍ଦନ ବିଜେ କରାଇ ତାହା ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି କରାଇଥାନ୍ତି । ଏହାପରେ ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ଘଣ୍ଟ, ଛତ୍ର, କାହାଳୀ ସହ ତଳୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଛାମୁକୁ ଆଣିଥାନ୍ତି । ଶ୍ରୀମନ୍ଦିରରେ ୨ଥର ବଡ଼ସିଂହାର ବେଶ ଓ ଭୋଗ ହୋଇଥିଲା। ଷୋଡଶ ଉପଚାର ପୂଜା ଶେଷ ହୋଇ କର୍ପୂର ଆଳତି ହେବା ପରେ ପାର୍ଶ୍ୱ ପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥାଏ ।

### ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ

## ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଅଭିବୃଦ୍ଧି ଦିଗରେ ଆଇଏଫ୍‌ଏସ୍ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୦୩/୦୯
ନ୍ୟୁଜ ବ୍ୟୁରୋ

ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ବୈଦେଶିକ ସେବା ଅଧିକାରୀ ମନୋଜ କୁମାର ମହାପାତ୍ର, ଅମିତ ନାରଙ୍ଗ ଓ ଗ୍ଲୋରିଆ ଗାଙ୍ଗଟେ ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ସେବା ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ



କରାଇ କହିଲେ ଯେ ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି । ଓଡ଼ିଶାର ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା ସହ ସ୍ୱଚ୍ଛ ଶାସନ ଓ ବ୍ୟବସାୟ କରିବାର ଅନୁକୂଳତା ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ। ଏହା ଦ୍ୱାରା ବିଦେଶୀ ନିବେଶକମାନେ ଓଡ଼ିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ ।

ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଖୁବ୍ ଗୁରୁତ୍ୱାରୋପ କରାଯାଉଛି । ବିଶ୍ୱ ଦକ୍ଷତା କେନ୍ଦ୍ରର ବ୍ୟାପକ ନେଟ୍‌ୱାର୍କ ମାଧ୍ୟମରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି। ଆଇଟିଇ ସିଙ୍ଗାପୁର ସହ ସହଭାଗିତା ଦ୍ୱାରା ସର୍ବାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାରେ ତାଲିମ ପ୍ରଦାନକୁ ବ୍ୟାପକ କରାଯାଇଛି । ଓଡ଼ିଶା ଏବେ ଏପରି କର୍ମଶକ୍ତି ସୃଷ୍ଟି କରୁଛି ଯାହା କେବଳ ନିଯୁକ୍ତିଭିତ୍ତିକ ନହୋଇ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆହ୍ୱାନକୁ ମୁକାବିଲା କରିବାରେ ମଧ୍ୟ ସକ୍ଷମ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବିଶ୍ୱସ୍ତରରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ସଠିକ୍ ରୂପେ ପରିଚାଳନା କରିପାରିବେ ଓ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରରୋଚିତ କରିପାରିବେ। ଅନ୍ୟ ପକ୍ଷରେ ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

### ବିହାର ଏସ୍‌ଆଇଆର ମାମଲା

## ବଢ଼ିଲା ଦସ୍ତାବିଜ ଜମା ଅବଧି: ଆସନ୍ତା ୮ରେ ହେବ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୦୩/୦୯

ବିହାରରେ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ହୋଇଯାଇଛି। ନିର୍ବାଚନ କମିଶନ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି ଯେ ଚିଠା ଭୋଟର ତାଲିକାରୁ ବାଦ୍ ପଡିଥିବା ଭୋଟରମାନେ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ନିଜର ଆପତ୍ତି ଅଭିଯୋଗ ଦାଖଲ ଲାଗି ଶେଷ ସମୟ ସୀମା ରହିଥିଲା । ଏହା ପରେ ମଧ୍ୟ ସେମାନେ ଅଭିଯୋଗ ଦାଖଲ କରିପାରିବେ । କିନ୍ତୁ ଭୋଟର ତାଲିକା ଚୂଡାନ୍ତ ହେବା ପରେ ତାହା ଉପରେ ବିଚାର କରାଯିବ। ଯଦି ତା'ର ଯଥାର୍ଥତା ରହିଥିବ ତେବେ ତାକୁ ଚୂଡାନ୍ତ ଭୋଟର ତାଲିକାରେ ସାମିଲ କରାଯିବ । ବିଚାରପତି ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ



ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଏସ୍‌ଆଇଆରକୁ ନେଇ ଯେଉଁ ଭ୍ରମ ରହିଛି ତାହା ବିଶ୍ୱାସର ଅଭାବ । ଏଭଳି କ୍ଷେତ୍ରରେ ରାଜନୈତିକ ଦଳମାନେ ନିଜେ ଏସ୍‌ଆଇଆର ପ୍ରକ୍ରିୟାରେ ସାମିଲ ହେବା ଉଚିତ । ସର୍ବୋଚ୍ଚ ଅଦାଲତ ବିହାର ଆଇନ ସେବା ପ୍ରାଧିକରଣକୁ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ମତଦାତା ଓ ରାଜନୈତିକ ଦଳମାନଙ୍କୁ ସହଯୋଗ କରିବାକୁ ପାରା ଲିଗାଲ ଭଲ୍ୟୁଣ୍ଟିୟର ନିଯୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ପାରା ଲିଗାଲ ଭଲ୍ୟୁଣ୍ଟିୟରମାନେ ଏ ସଂକ୍ରାନ୍ତ ଗୋପନ ରିପୋର୍ଟ ଜିଲ୍ଲା ଜଜ୍‌ଙ୍କ ନିକଟରେ ଦାଖଲ କରିବେ। ଯାହା ଉପରେ ଆସନ୍ତା ୮ରେ ଶୁଣାଣି କରାଯିବ ବୋଲି କୋର୍ଟ କହିଛନ୍ତି ।

### ତାଳଚେର ଓ ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ନାମଲେଖା ଅନୁମତି ମିଳିବା ପରେ

## ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୯ ନ୍ୟୁଜ ବ୍ୟୁରୋ

ତାଳଚେର ଓ ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ନାମଲେଖା ଅନୁମତି ମିଳିବା ପରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୫-୨୬ ଶିକ୍ଷାବର୍ଷରୁ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳର ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ୧୦୦ ଟି ଲେଖାଏଁ ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁମତି ମିଳିବା ଓଡ଼ିଶା ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ। ଏଥିପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଜୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଐତିହାସିକ ପଦକ୍ଷେପ ରାଜ୍ୟରେ ଭେଷଜ ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସମଗ୍ର ଓଡ଼ିଶାରେ, ବିଶେଷତଃ ତାଳଚେର ଓ କନ୍ଧମାଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ଓ ଆମ ଲୋକମାନଙ୍କ ପାଇଁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ।

## ଅପରାଧୀଙ୍କୁ ଦମନ ପାଇଁ କମିସନରେଟ୍ ପୁଲିସର ବ୍ଲୁ-ପ୍ରିଣ୍ଟ

ଭୁବନେଶ୍ୱର, ୩/୯
ନ୍ୟୁଜ ବ୍ୟୁରୋ

ପାର୍ବଣ ଆରମ୍ଭରୁ ରାଜଧାନୀରେ ଡରାଇଲେଣି ଅପରାଧୀ। କେଉଁଠି ବଟି ପାଇଁ ତ କେଉଁଠି ଚାନ୍ଦା ପାଇଁ ଦେଖାଉଛନ୍ତି ଦାଦାଗିରି। ଦଳବଳ ହୋଇ ପହଞ୍ଚି ଯାଉଛନ୍ତି, ନଦେଲେ ଧମକଚମକ ଦେଉଛନ୍ତି। ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ଖାଲି ଏତିକି ନୁହେଁ, ଅଭ୍ୟାସଗତ ଅପରାଧୀଙ୍କ ଦୌରାତ୍ମ୍ୟ ବି ବଢ଼ିଚାଲିଛି। କେଉଁଠି ଜମି ପାଇଁ ବୋମା ମାଡ଼ ହେଲାଣି ତ କେଉଁଠି ବନ୍ଧୁକ ଗର୍ଜିଲାଣି। ପୁଣି ବାର୍‌ରେ ମସ୍ତି କରି ରକ୍ତପାତ ଘଟିଲାଣି। ଚକେଇସିଆଣିରେ ପୂଜା ମଣ୍ଡପକୁ ନେଇ ଖଣ୍ଡା ବୁଲିବା, ସହିଦନଗର ଅଞ୍ଚଳରେ ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ, ସତ୍ୟବିହାର ଅଞ୍ଚଳରେ ଏକ ବାର୍‌ରେ ନିଶାଡ଼ିଙ୍କ ଆତଙ୍କ, ଭରତପୁର ଅଞ୍ଚଳରେ ବୋମାମାଡ଼ ଗତ କିଛିଦିନ ହେବ ଅପରାଧିଙ୍କ ଏଭଳି ଆତଙ୍କରୁ ରାଜଧାନୀର ଅପରାଧର ଚିତ୍ର ସ୍ପଷ୍ଟ ବାରି ହେଉଛି, ଯାହାକି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଭାଇଗିରି ଓ ଅପରାଧୀଙ୍କ ଦୌରାତ୍ମ୍ୟ ରୋକିବା ଲାଗି କମିସନରେଟ୍ ପୁଲିସ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିଛି। ବିଭିନ୍ନ ଥାନା ଅଞ୍ଚଳରେ ଥିବା ୧୯୦୦ରୁ ଉର୍ଦ୍ଧ୍ୱ ଅପରାଧୀଙ୍କ ତାଲିକା କରିଛି। ଖୋଜି ଖୋଜି ସେହି ଅପରାଧୀଙ୍କୁ ବନ୍ଧାଯିବ। ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ତଡ଼ିବାଲାଗି ଚିନ୍ତା ମଧ୍ୟ କରାଯାଇଛି। ଗଣେଶ ପୂଜା ପୂର୍ବରୁ ଏହି ସଂଖ୍ୟା ୨୨୦୦ ଥିବା ବେଳେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୩୦୦ ଅପରାଧୀଙ୍କୁ କମିସନରେଟ୍ ପୁଲିସ ଗିରଫ କରିସାରିଛି। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୧୨୯ ଲଗାଯିବ। ଦରକାର ପଡ଼ିଲେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ବାନ୍ଧିବା ପାଇଁ ସ୍ଥିର କରାଯାଇଛି। ପୂଜା ସମୟରେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ସୃଷ୍ଟି ନହୁଏ, ଏଥିପାଇଁ ଡିସିପି ଜଗମୋହନ ମୀନା ସମସ୍ତ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଡିସିପିଙ୍କ ବ୍ଲୁ-ପ୍ରିଣ୍ଟ ପରେ ଅଭ୍ୟାସଗତ ଅପରାଧୀ, ଚୋରି, ହତ୍ୟାକାଣ୍ଡ, ରାହାଜାନି ଓ ଗଣ୍ଡଗୋଳ କରି ପୁଲିସ ଫାଇଲରେ ନାଁ ଚଢ଼ିଥିବା ଅପରାଧୀଙ୍କ ଛାତି ଏବେ ଧଡ଼ଧଡ଼ ହେଉଛି।

ସେହିପରି ଦାଗୀ ଅପରାଧୀଙ୍କୁ ସପ୍ତାହକୁ ଥରେ ଥାନାରେ ହାଜିରା ଦେବାକୁ ବାଧ୍ୟ କରାଯିବ। ଏଥିପାଇଁ ଡିସିପିଙ୍କ ନେତୃତ୍ୱରେ ପ୍ରାଥମିକ ପର୍ଯ୍ୟାୟରେ ଅଭ୍ୟାସଗତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ୨୫ଟି ଥାନାରେ ୩୦୦ଜଣଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପାର୍ବଣରେ ଅପରାଧୀଙ୍କୁ ସାବାଡ଼ ପାଇଁ ଏହି ପ୍ରସ୍ତୁତି କରାଯାଇଛି। ଖଣ୍ଡଗିରି ଓ ସହିଦନଗର ଥାନାରେ ସର୍ବାଧିକ ଦାଗୀ ଅପରାଧୀ ଥିବା ଜଣାପଡ଼ିଛି। ସେହିପରି ମଞ୍ଚେଶ୍ୱର ଥାନା, ଲକ୍ଷ୍ମୀସାଗର, ନୂଆପଲ୍ଲୀ, ଇନ୍‌ଫୋସିଟି, ଇନ୍‌ଫୋଭ୍ୟାଲି, ଏୟାରଫିଲ୍ଡ, ଚନ୍ଦକା ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏମାନଙ୍କ ସଂଖ୍ୟା ମଧ୍ୟ ଚିନ୍ତାଜନକ ରହିଛି। କମିସନରେଟ୍ ପୁଲିସର ଏହି ଅଭିଯାନରେ ଆଗକୁ ଆହୁରି ନାଁ ଯୋଡ଼ାଯିବ। ଅପରାଧ ଛାଡ଼ିପାରୁ ନଥିବା ଅଭ୍ୟାସଗତଙ୍କ ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଏହାଛଡ଼ା ୫ଜଣଙ୍କୁ ତଡ଼ିପାର ପାଇଁ କମିସନରେଟ୍ ପୁଲସି ତାଲିକା କରିଛି। ପାର୍ବଣରେ ଜୋରଜବରଦସ୍ତି ଚାନ୍ଦା ମାଗୁଥିବା ଅସାମାଜିକଙ୍କ ସମ୍ପର୍କରେ ଟୋଲ୍ ଫ୍ରି ନମ୍ବର ୧୧୨ରେ ଅଭିଯୋଗ କରିବା ପାଇଁ ଡିସିପି ଶ୍ରୀ ମୀନା ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ସମୀକ୍ଷା କରିବେ ମୁଖ୍ୟ ଶାସନ ସଚିବ

କଟକ, ୦୩/୦୯ ନ୍ୟୁଜ ବ୍ୟୁରୋ

ଏସ୍‌ସିବି ମେଡିକାଲ କଲେଜ ସମ୍ପ୍ରସାରଣ ଜାରି ରହିଛି। ମାତ୍ର ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ମନ୍ଥର ଗତିରେ ପ୍ରକଳ୍ପ ଚାଲୁଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା ନେଇ ଆଶଙ୍କା ଦେଖାଦେଇଛି। ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରେ ୪ଟି କ୍ଲିନିକାଲ କୋଠା ନିର୍ମାଣ କରାଯାଉଛି। ଏଥିଲାଗି ୨୬୩୬କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏପର୍ଯ୍ୟନ୍ତ କାର୍ଯ୍ୟ ୫୦% ଶେଷ ହୋଇଛି। ଉକ୍ତ କ୍ଲିନିକାଲ କୋଠା ନିର୍ମାଣ କାର୍ଯ୍ୟ ୨୦୨୬ ଜୁନ ସୁଦ୍ଧା ଶେଷ ହେବାର ଧାର୍ଯ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରକଳ୍ପର ସମୀକ୍ଷା କରିବେ। ଆଭାସି ଜରିଆରେ ଅନୁଷ୍ଠିତ ହେବାକୁ ଥିବା ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ମେଡିକାଲ କର୍ତ୍ତୃପକ୍ଷ , ଠିକା ସଂସ୍ଥା ଓ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ରହିବେ। ପ୍ରକଳ୍ପର ଅଗ୍ରଗତି ଓ କେଉଁଠି ବିଳମ୍ବ ହେଉଛି ଏହାର ବିସ୍ତୃତ ସମୀକ୍ଷା କରାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ବିଶେଷକରି ନୂତନ କୋଠା ଗୁଡିକୁ ବିଦ୍ୟୁତ, ପାନୀୟଜଳ ସଂଯୋଗ ଏବଂ ଲିଫ୍ଟ ଲାଗିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ନୂତନ ଅଟ୍ଟାଳିକା ଗୁଡିକରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରଖାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଡାକ୍ତର ଓ କର୍ମଚାରୀଙ୍କ ରହିବା ନିମନ୍ତେ ନିର୍ମାଣ କରାଯାଉଥିବା ଆବାସିକ କୋଠା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପ୍ରିଲ ସୁଦ୍ଧା ୧୩ଟି ଯାକ ଆବାସିକ କୋଠା ନିର୍ମାଣ ଶେଷ କରାଯିବ। ଏଥିଲାଗି ୮୪୬କୋଟି ଟଙ୍କାର ଖର୍ଚ୍ଚ କରାଯାଉଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିକଟରେ ବିଧାନସଭା କମିଟି ଯାଞ୍ଚ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା।

## ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁ ଯତ୍ନ ଗୃହର ସ୍ଥିତି ଅନୁଧ୍ୟାନ କଲେ ଶିଶୁ ଆୟୋଗ ସଦସ୍ୟା

ଭୁବନେଶ୍ୱର, ୩/୯
ନ୍ୟୁଜ ବ୍ୟୁରୋ

ଅବହେଳିତ ଶିଶୁଙ୍କ ପାଇଁ ରହିଛି ଶିଶୁ ଯତ୍ନ ଗୃହ। ଖାଦ୍ୟ, ବସ୍ତ୍ର, ବାସସ୍ଥାନ ସହ ଶିକ୍ଷା ଓ ସୁରକ୍ଷାର ବ୍ୟବସ୍ଥା ରହିଛି। କିନ୍ତୁ ପିଲାଙ୍କ ପାଇଁ ଖେଳିବା ବ୍ୟବସ୍ଥା ନାହିଁ କି ଖେଳନା ମଧ୍ୟ ନାହିଁ। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା । ଯଦି ବି ଅଛି, କେବଳ ପ୍ରଦର୍ଶନ ନିମନ୍ତେ ରଖାଯାଇଛି। ଶିଶୁଙ୍କ ଖେଳିବା ପାଇଁ ନୁହେଁ । ଶିଶୁ ଯତ୍ନ ଗୃହ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ହଜିଯାଉଛି ପିଲାଙ୍କ ଶୈଶବ। ପିଲାଙ୍କ ଶାରୀରିକ ବିକାଶ ସହ ମାନସିକ ତଥା ବୌଦ୍ଧିକ ବିକାଶ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର ମୌଳିକ ଅଧିକାର। ପିଲାମାନେ ଖେଳନାରେ ଖେଳିବେ, ଖେଳନା ଭାଙ୍ଗିବେ ଏବଂ ସେଥିରୁ ଶିଖିବେ। କିନ୍ତୁ ଶିଶୁ ଯତ୍ନ ଗୃହ ହେଉ କି ଅଙ୍ଗନବାଡ଼ି, ପିଲାଙ୍କ ପାଇଁ ଖେଳନା ଉପଲବ୍ଧ ନାହିଁ। ଯେଉଁଠି ବି ଖେଳନା ରହିଛି, ଅତ୍ୟନ୍ତ ନିମ୍ନମାନର ପ୍ଲାଷ୍ଟିକ୍‌ରେ ତିଆରି ଏବଂ ତାହା ମଧ୍ୟ ଅଳ୍ପ ସଂଖ୍ୟାରେ । କେତେକ ସ୍ଥାନରେ ଖେଳନା ଭାଙ୍ଗିଯିବ ବୋଲି ପିଲାଙ୍କୁ ଦିଆଯାଉନାହିଁ। ଅଧିକାରୀଙ୍କ ଗସ୍ତ ବେଳେ କେବଳ ପ୍ରଦର୍ଶନ କରିବାକୁ ରଖାଯାଇଛି । ଆଉ କିଛି ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାଙ୍କ ହାତ ନ ପହଞ୍ଚିବା ଭଳି ସ୍ଥାନରେ ଖେଳନାକୁ ବର୍ଷ ବର୍ଷ ଧରି ସାଇତି ରଖାଯାଇଛି। ନିକଟରେ ଶିଶୁ ଆୟୋଗ ଅଧ୍ୟକ୍ଷା ଓ ସଦସ୍ୟାମାନେ ନୟାଗଡ଼, ବୌଦ୍ଧ, ବାଲେଶ୍ୱର, ଭଦ୍ରକ,



ଗଞ୍ଜାମ, ସୁନ୍ଦରଗଡ଼ ଏବଂ ଯାଜପୁର ଆଦି ୭ ଜିଲ୍ଲାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଶିଶୁଯତ୍ନ ଗୃହ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ସ୍ଥିତି ପରଖିବାକୁ ଯାଇଥିଲେ। ସେଠାରେ ମଧ୍ୟ ପିଲାଙ୍କ ଖେଳକୁଦ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଦେଖିଥିଲେ ଯେ, ଅନେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଲୁଡୋ, ଚେସ୍, କ୍ୟାରମ୍ ଭଳି ଇନ୍‌ଡୋର ଗେମ୍ ପାଇଁ ବ୍ୟବସ୍ଥା ଥିବା ବେଳେ କୁନି ପିଲାଙ୍କ ଲାଗି ଘୋଡ଼ା, ଦୋଳି, ଫୁଟବଲ୍ କିମ୍ବା ଖେଳକୁଦ ଲାଗି ଜାଗା ନାହିଁ । ବାଲେଶ୍ୱର ନରହରିପୁର(୩) ଅଙ୍ଗନୱାଡ଼ି କେନ୍ଦ୍ର ଅତି ରଙ୍ଗୀନ ଓ ସୁନ୍ଦର ହୋଇଥିବା ବେଳେ ଏଠାରେ ପ୍ରାୟ ୨୦ ପିଲା ପଢୁଛନ୍ତି। କିନ୍ତୁ ଏହି ୨୦ ପିଲାଙ୍କ ଖେଳିବା ପାଇଁ ଶସ୍ତା ପ୍ଲାଷ୍ଟିକ୍‌ରେ ତିଆରି ମାତ୍ର ଗୋଟିଏ ଖେଳନା ଘୋଡ଼ା ରହିଛି । ଆୟୋଗ ସଦସ୍ୟାଙ୍କ ପରିଦର୍ଶନ ବେଳେ ଏହାକୁ ପିଲାମାନଙ୍କୁ ଦିଆଯିବାରୁ ପ୍ରଥମ ଥର ଦେଖିଲା ଭଳି ପିଲାମାନେ ଉତ୍ସାହିତ ହୋଇପଡ଼ିଥିଲେ। ଏହାବାଦ୍ ଶିଶୁ ଯତ୍ନ ଗୃହରେ ଥିବା ଯେଉଁ ଶିଶୁମାନଙ୍କର ଅଭିଭାବକ ଅଛନ୍ତି ସେମାନଙ୍କୁ କାଉନସେଲିଂ କରି ପିଲାଙ୍କ ଲାଳନପାଳନ ଦାୟିତ୍ୱ ଦେବାକୁ ମଧ୍ୟ ଚେଷ୍ଟା କରାଯାଉ ନାହିଁ । ମିଶନ୍ ବାତ୍ସଲ୍ୟ ଯୋଜନାରେ ଏଥିପାଇଁ ସରକାର ୪ ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏ ବାବଦରେ ସଚେତନତାର ଅଭାବ ଦେଖିବାକୁ ମିଳିଛି। ଏଥିଲାଗି ଅଭିଭାବକମାନଙ୍କୁ କାଉନସେଲିଂ କରାଯାଉନାହିଁ। ଏ କ୍ଷେତ୍ରରେ ଡିଏସଡବ୍ଲୁଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ସ୍ତରରେ ଆନ୍ତରିକତାର ଅଭାବ ଦେଖିବାକୁ ମିଳିଛି।

## 'ଅପରେସନ୍ ଅନ୍ୱେଷଣ'ରେ ୫ ଦିନରେ ୨୪୧୭ ଜଣ ଉଦ୍ଧାର

### ଓଡିଶା ପୋଲିସ ଚଳିତ ବର୍ଷ ସ୍ୱତନ୍ତ୍ର ଅପରେସନରେ ୭୮୭୬ ଜଣଙ୍କୁ ଉଦ୍ଧାର କରିଛି

ଭୁବନେଶ୍ୱର, ୩/୯
ନ୍ୟୁଜ ବ୍ୟୁରୋ

ମା' କୋଳକୁ ଫେରିଛନ୍ତି ନିଖୋଜ ଶିଶୁ। ପରିବାରଠୁ ଦୂରେଇ ଯାଇଥିବା ପ୍ରିୟଜନ, ପୁଣି ଆତ୍ମୀୟଙ୍କ ସହିତ ଏକାଠି ହୋଇଛନ୍ତି। ଓଡ଼ିଶା ପୋଲିସକୁ ମିଳିଛି ବଡ ସଫଳତା । ସ୍ପେଶାଲ୍ ଅପରେସନ 'ଅନ୍ୱେଷଣ' ଜରିଆରେ ନିଖୋଜ କୋମଳମତି ଶିଶୁ ଏବଂ ନିରୁଦ୍ଦିଷ୍ଟ ମହିଳାଙ୍କୁ ଖୋଜି ଖୋଜି ଠାବ କରାଯାଉଛି । ପୂର୍ବରୁ ଓଡ଼ିଶା ପୋଲିସ 'ସ୍ମାଇଲ୍', 'ମୁସ୍କାନ' ଏବଂ 'ପରୀ' ଭଳି ସ୍ୱତନ୍ତ୍ର ଅପରେସନ୍ କରି ମଧ୍ୟ ସଫଳତା ପାଇଥିଲା। ଓଡ଼ିଶା ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ରାଜ୍ୟରେ ନିଖୋଜ ଓ ଶିଶୁ ଓ ମହିଳାଙ୍କ ଉଦ୍ଧାର ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା । ଗତ ଫେବୃୟାରୀ ମାସଠାରୁ ପର୍ଯ୍ୟାୟକ୍ରମେ ସମସ୍ତ ଜିଲ୍ଲା ପୋଲିସ ଦ୍ୱାରା ଏହା ଜାରି ରହିଛି । ଏହି କ୍ରମରେ ଏଯାବତ ୧୨୦୯ ଜଣ ନିଖୋଜ ଶିଶୁ ଓ ୬୬୬୭ ଜଣ ମହିଳା ଠାବ ହୋଇଛନ୍ତି। ଏଯାବତ ଏହି ଅପରେସନରେ ପୁରୀ ପୋଲିସ ଦ୍ୱାରା ସର୍ବାଧିକ ୪୫ ଜଣ ଶିଶୁ ସହ ୫୪୦ ଜଣ ମହିଳା ଉଦ୍ଧାର ହୋଇଛନ୍ତି । ସେହିପରି ଭଦ୍ରକ ପୋଲିସ ଦ୍ୱାରା ୩୭ ଜଣ ଶିଶୁ ଓ ୩୧୮ ଜଣ ମହିଳା, କଟକ ଜିଲ୍ଲାରୁ ୨୧ ଜଣ ଶିଶୁ



ଓ ୩୦୪ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଏନେଇ ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି, ରାଜ୍ୟ ପୋଲିସ ପକ୍ଷରୁ ଅପରେସନ୍ ଅନ୍ୱେଷଣ ଆରମ୍ଭ କରାଯାଇଥିଲା। ନିଖୋଜ ଏବଂ ଅପହରଣ ହୋଇଥିବା ଶିଶୁ ଓ ମହିଳାଙ୍କୁ ଖୋଜିବା ଟାର୍ଗେଟ୍ ଥିଲା । ପୁରୀ ପୋଲିସକୁ ନିଖୋଜ ଶିଶୁ ଏବଂ ମହିଳାଙ୍କୁ ଖୋଜି ଘରକୁ ଫେରାଇ ଆଣିବାରେ ସଫଳତା ମିଳିଛି । ପୁରୀ ପୋଲିସ ୫୪୦ ମହିଳା ଏବଂ ୪୫ ଜଣ ଶିଶୁଙ୍କୁ ଫେରାଇ ଆଣିଛି। ସମସ୍ତ ଅଧିକାରୀ ଉତ୍ସର୍ଗୀକୃତ ଭାବେ କାମ କରିଛନ୍ତି । ଆମେ ଆଗକୁ ଭଲ ଭାବରେ ଏହି ଅପରେସନକୁ ମଧ୍ୟ ଜାରି ରଖିବୁ।' ଓଡ଼ିଶା ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ପକ୍ଷରୁ ଗତ ମାସ ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଉଦ୍ଧାର ଅଭିଯାନ, ଅପରେସନ୍ ଅନ୍ୱେଷଣ ଆରମ୍ଭ ହୋଇଥିଲା। ଏହି ଅଭିଯାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୫୮ ଶିଶୁ (୩୩ ପୁଅ ଓ ୩୨୫ ଝିଅ) ଏବଂ ୨,୦୫୯ ମହିଳାଙ୍କ ସମେତ ୨,୪୧୭ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଖୋଜି ବାହାର କରାଯାଇଥିଲା । କ୍ରାଇମବ୍ରାଞ୍ଚ ତତ୍ତ୍ୱାବଧାନରେ ସମସ୍ତ ଜିଲ୍ଲା ପୋଲିସକୁ ଏନେଇ ପର୍ଯ୍ୟାୟକ୍ରମେ ଅପରେସନ କରି ନିଖୋଜ ଶିଶୁ ଓ ମହିଳାଙ୍କୁ ଖୋଜିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଏହି ଅପରେସନରେ ଫେବୃୟାରୀରେ ୧୩୯ ଶିଶୁ (୨୧ଜଣ ପୁଅ ଏବଂ ୧୧୮ ଜଣ ଝିଅ) ଓ ୫୯୩ ଜଣ ମହିଳା ଠାବ ହୋଇଥିବା ବେଳେ ଏପ୍ରିଲରେ ୪୨୧ ଶିଶୁ (୩୪ ଜଣ ପୁଅ ଓ ୩୮୭ ଜଣ ଝିଅ) ଏବଂ ୩୦୭୩ ଜଣ ମହିଳା ଉଦ୍ଧାର ହୋଇଥିଲେ । ସେହିପରି ମେ' ମାସରେ ୨୯୧ ଶିଶୁ (୪୩ଜଣ ପୁଅ ଓ ୨୪୮ଜଣ ଝିଅ) ଏବଂ ୯୪୨ ଜଣ ମହିଳା, ଅଗଷ୍ଟ ମାସରେ ୩୫୮ ଶିଶୁ (୩୩ଜଣ ପୁଅ ଓ ୩୨୫ ଜଣ ଝିଅ) ଏବଂ ୨୦୫୯ ଜଣ ମହିଳା ଠାବ ହୋଇଛନ୍ତି । ଓଡ଼ିଶା ପୋଲିସ ପକ୍ଷରୁ ଗତ ବର୍ଷ ୨୦୨୪ରେ ନଭେମ୍ବର ୧୮ରୁ ୨୩ ନଭେମ୍ବର ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅପରେସନ ହୋଇଥିଲା । ମହିଳା ଓ ଶିଶୁ ବିରୋଧୀ ଅପରାଧ ୱିଙ୍ଗ୍ ବା ସିଡବ୍ଲୁସି ଏହାର ତତ୍ତ୍ୱାବଧାନ କରିଥିଲା। ସେହିସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୩୪ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଯେଉଁଠି ୩୦୬ ଜଣ ଝିଅ ଥିବା ବେଳେ ୨୮ଜଣ ପୁଅ ରହିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଭଦ୍ରକରୁ ସର୍ବାଧିକ ୬୫ ଜଣ ନିଖୋଜ ଶିଶୁ ଉଦ୍ଧାର ହୋଇଥିଲେ ।

ଏନେଇ ଶିଶୁ ସୁରକ୍ଷା କର୍ମୀ ବେଣୁଧର ସେନାପତି କହିଛନ୍ତି, 'ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଯେ ଏତେ ମାତ୍ରାରେ ନିଖୋଜ ଶିଶୁ ଓ ମହିଳାଙ୍କୁ ପୋଲିସ ଠାବ କରିଛି । କାରଣ ବିଗତ ଦିନରେ ଏଭଳି ଅନେକ ଅଭିଯୋଗ ଥାନାରେ ରିପୋର୍ଟ ହୋଇଥିଲା । ପୂର୍ବରୁ ମଧ୍ୟ ୨୦୧୫ରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେସନ ସ୍ମାଇଲ-୧ ଜରିଆରେ ୫୦୦ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ପରେ ୨୦୧୬ ମସିହାରେ ଅପରେସନ ସ୍ମାଇଲ-୨ରେ ଜାନୁଆରୀ ୧ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ୩୩୦ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ରାଜ୍ୟ ବାହାରରୁ ୧୮୫ ଶିଶୁଙ୍କୁ ପୋଲିସ ଉଦ୍ଧାର କରିଥିଲା । ଏଥିରେ ଥିଲେ ୪୧ଜଣ ଶିଶୁ ଯେଉଁମାନେ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ । ତତ୍କାଳିନ ଡିଜି କ୍ରାଇମବ୍ରାଞ୍ଚ ବିଜୟ ଶର୍ମାଙ୍କ ନେତୃତ୍ୱରେ ଓ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଉଦ୍ୟମରେ ଏହି ଅପରେସନ ଜୋରଦାର କରାଯାଇଥିଲା।' ବେଣୁଧର ସେନାପତି ପୁଣି କହିଛନ୍ତି ଯେ, ୨୦୧୮ ମସିହାରେ ମଧ୍ୟ ତତ୍କାଳିନ ଡିଜି ରାଜେନ୍ଦ୍ର ଶର୍ମାଙ୍କ ସମୟରେ ମଧ୍ୟ ଅପରେସନ ପରୀ ଜରିଆରେ ଅନେକ ନିଖୋଜ ଶିଶୁଙ୍କୁ ତିନୋଟି ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିଲା। ତେବେ ୧୯୯୯ ମସିହାରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟରେ ୪୮୨୧ ଜଣ ଶିଶୁ ନିଖୋଜ ଥିଲେ। ପର୍ଯ୍ୟାୟକ୍ରମେ ଏହି ରିପୋର୍ଟ ବଢିବା ପରେ ଓଡ଼ିଶା ପୋଲିସ ବିଭିନ୍ନ ସମୟରେ ଏଭଳି ଅପରେସନ ଜରିଆରେ ନିଖୋଜ ଶିଶୁଙ୍କୁ ଖୋଜିବାରେ ସହଯୋଗ କରିଥାଏ।